
ଧରିତ୍ରୀ
DHARITRI
January 11-17, 2026 ₹2/-

ଧରିତ୍ରୀ
DHARITRI
52
Years

ଛୁଟିଦିନ



# ସୁରକ୍ଷା ଚିନ୍ତା

୩

ପ୍ରଚ୍ଛଦ ପ୍ରସଙ୍ଗ

**ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଭିତରେ ଦ୍ରୁତ ଗତିରେ ଗାଡ଼ିଚାଳନା, ଟ୍ରାଫିକ୍ ନିୟମ ନମାନିବା, ବିନା ସିଟ୍ ବେଲ୍ଟ ବା ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇବା; ଯାହା ଏବେ ବ୍ୟଥିତ କରିଛି କିଛି ବ୍ୟକ୍ତି ବିଶେଷଙ୍କୁ ଆଉ ଲୋକଙ୍କ ସୁରକ୍ଷା ପାଇଁ ସେମାନେ ଏବେ ଅଣ୍ଟା ଭିଡ଼ିଛନ୍ତି...**

# ୯ଟି ବାସ୍ତୁ ପେଣ୍ଟିଂର ମହତ୍ତ୍ୱ

**ଏମିତି କିଛି ସ୍ୱତନ୍ତ୍ର ପେଣ୍ଟିଂ ରହିଛି; ଯାହାକୁ ଘରେ ଲଗାଇବା ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି...**

**ଝରଣା ପେଣ୍ଟିଂ:** ବିନା କୌଣସି ବାଧାବିଘ୍ନରେ ଝରଣାର ପାଣି ବୋହୁଥିବାର ପେଣ୍ଟିଂକୁ ଘରର



ଉତ୍ତର ଦିଗ କାନ୍ଥରେ ଲଗାଇଲେ ଶାନ୍ତି ବଢ଼େ ବୋଲି ବିଶ୍ୱାସ ରହିଛି।

**ସୂର୍ଯ୍ୟୋଦୟର ପେଣ୍ଟିଂ:** ଏହି ପେଣ୍ଟିଂକୁ ଘରର ପୂର୍ବ ଦିଗ କାନ୍ଥରେ ଲଗାଇବା ଶୁଭ। ଏହା ସକରାତ୍ମକ ଉର୍ଜ୍ଜା ବୃଦ୍ଧି କରେ ବୋଲି ବିଶ୍ୱାସ କରାଯାଏ।

**୭ଟି ଘୋଡ଼ାର ପେଣ୍ଟିଂ:** ଏକକାଳୀନ ୭ଟି ଘୋଡ଼ା ଦୌଡୁଥିବାର ପେଣ୍ଟିଂକୁ ଘରର ଦକ୍ଷିଣ ଦିଗ କାନ୍ଥରେ ଲଗାଇଲେ କାର୍ଯ୍ୟସିଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି।

**ବାଉଁଶ ଗଛର ପେଣ୍ଟିଂ:** ଘରେ ଉନ୍ନତି ଓ ବିକାଶ ଆଣେ ବାଉଁଶ ଗଛର ପେଣ୍ଟିଂ। ଏହାକୁ ପୂର୍ବ ଦିଗରେ ଲଗାଇବା ଶୁଭ।

**ମଣ୍ଡଳା ପେଣ୍ଟିଂ:** ମାନସିକ ଶାନ୍ତି, ଏକାଗ୍ରତା ବୃଦ୍ଧି, ରଚନାତ୍ମକ ଜ୍ଞାନ ବଢ଼ାଇବାରେ ଏହି ପେଣ୍ଟିଂ ସାହାଯ୍ୟ କରେ। ଏହାକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ।

**ମୟୂର ପେଣ୍ଟିଂ:** ଏହି ପେଣ୍ଟିଂ ଘର ପାଇଁ ଶୁଭ ଓ ଏହା ସମୃଦ୍ଧି ଆଣେ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଦକ୍ଷିଣ-ପୂର୍ବ ଦିଗରେ ଏହାକୁ ଲଗାଇହେବ।

**ପର୍ବତର ପେଣ୍ଟିଂ:** ସ୍ଥିରତା ଓ ବୈଭବ ଆଣେ ପର୍ବତର ପେଣ୍ଟିଂ। ଏହାକୁ ଘରର ଦକ୍ଷିଣ ଦିଗ କାନ୍ଥରେ ଲଗାଇପାରିବେ।

**ବୁଦ୍ଧଦେବଙ୍କ ପେଣ୍ଟିଂ:** ଭଗବାନ ବୁଦ୍ଧଙ୍କର ପେଣ୍ଟିଂକୁ ଘରର ଉତ୍ତର-ପୂର୍ବ ଦିଗରେ ଲଗାଇ ନିୟମିତ କିଛି ସମୟ ଚାହିଁଲେ ମନକୁ ଶାନ୍ତି ମିଳେ।

**ପରିବାରର ପେଣ୍ଟିଂ:** ପରିବାର ଲୋକଙ୍କ ହସହସ ମୁହଁର ପେଣ୍ଟିଂ ଅବା ଫଟୋକୁ ଉତ୍ତର ଦିଗ କାନ୍ଥରେ ଲଗାଇଲେ ସମ୍ପର୍କ ମଜଭୁତ୍ ହୁଏ ବୋଲି ବିଶ୍ୱାସ ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୧-୧୭, ୨୦୨୬

### ମେଷ



ସ୍ୱାବଲମ୍ବୀ ହେବେ, ଧୈର୍ଯ୍ୟଶୀଳତା ବୃଦ୍ଧି ପାଇବ, ନୂତନ କାର୍ଯ୍ୟରେ ଅନୁପ୍ରବେଶ, ସ୍ୱାସ୍ଥ୍ୟ ଭଲ ରହିବ, ଆନୁଷ୍ଠାନିକ କାମରୁ ପ୍ରଶଂସା, ବିଳମ୍ବରେ କାର୍ଯ୍ୟସମ୍ପନ୍ନ, ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ବିଚ୍ୟୁତି, ଆନୁଷ୍ଠାନିକ କାମରେ ଯୁକ୍ତିତର୍କ ॥

### ବୃଷ




ଶାରୀରିକ ସୁସ୍ଥତା, ଦୁଃସାହସିକ ପଦକ୍ଷେପ ନେବେ, କଳାକାରିଗରିରୁ ପ୍ରଶଂସା, ସୁବୁଝାମଣା, ରହସ୍ୟଜନକ କାମରେ ଉତ୍ସୁକତା, ମାନସିକ ଦ୍ୱନ୍ଦ୍ୱ, ସାହିତ୍ୟାନୁରାଗ, ଚଳଚ୍ଚିତ୍ରରେ ଉତ୍କର୍ଷତା, ବ୍ୟବସାୟରେ ଉନ୍ନତି ॥

### ମିଥୁନ



ବୌଦ୍ଧିକତାର ବିକାଶ, ନୂତନ ଗୃହାରମ୍ଭ, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି, ଲୋକ ସମ୍ପର୍କ ବଢିବ, ବିଦେଶଯାତ୍ରାର ସୁଯୋଗ, ପାରିବାରିକ ସହମତି, ଖର୍ଚ୍ଚ ପରିମାଣ ବୃଦ୍ଧି, ମାନସିକ ସ୍ଥିତି ବିଗିଡିପାରେ, ବନ୍ଧୁଙ୍କ ପରାମର୍ଶ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି ॥

### କର୍କଟ



ଶୁଭ ଖବର ପାଇବେ, ଅସ୍ଥିରତା ଦୂର ହେବ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧିଲାଭ, ଯାନବାହନ ନବୀକରଣ, ପ୍ରିୟଜନଙ୍କ ବିଛେଦ, ଆର୍ଥିକ ଅନଟନ, କାମ ବିଗିଡି ଯାଇପାରେ, ଯାତ୍ରା ସ୍ଥଗିତ ରହିବ ॥

### ସିଂହ



ନୂତନ ଯୋଜନାରମ୍ଭ, ପାରିବାରିକ ମତାନ୍ତର, ଆର୍ଥିକ ଦୂରବସ୍ଥା, ସନ୍ତାନଙ୍କ କୃତିର କୃତିତ୍ୱ, ବନ୍ଧୁ ସମ୍ପର୍କ ମଜଭୂତ ହେବ, ସାମାଜିକ ସମ୍ମାନ ପ୍ରାପ୍ତି, ବନ୍ଧୁଙ୍କ ଅପପ୍ରଚାର, ପାଦରେ ଆଘାତ ଲାଗିପାରେ, ପ୍ରକାଶନରେ ବିଳମ୍ବ ॥

### କନ୍ୟା



କାର୍ଯ୍ୟହାନୀରୁ ମନସ୍ତାପ,ବନ୍ଧୁଙ୍କ କୁସ୍ୱାରଟନା, କ୍ରନିକ୍ ରୋଗରେ ପୀଡା, ସଭାସମିତିକୁ ନିମନ୍ତ୍ରଣ, ରଚନାତ୍ମକ କାର୍ଯ୍ୟାରମ୍ଭ, ପକ୍ଷପାତିତାରୁ କଳହ, ବିବାଦୀୟ ପରିସ୍ଥିତି ଦୂର ହେବ, ଆର୍ଥିକ ସ୍ଥିତି ବଦଳିବ, ପାରିବାରିକ ଶାନ୍ତି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ॥

### ତୁଳା



ଶାରୀରିକ ଦୁର୍ବଳତା, ଆତ୍ମୀୟଙ୍କ ଅସହଯୋଗ, ଯାନ୍ତ୍ରିକ ଜିନିଷର ମରାମତି, ପାରିବାରିକ ମତ ପାର୍ଥକ୍ୟ, କଳାପ୍ରିୟ ହେବେ, ପରିବହନରେ ଝଗଡା, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସାଂଗଠନିକ ସଭାରମ୍ଭ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ॥

### ବିଛା



ଅଭିଳାଷ ପୂରଣ, ବନ୍ଧୁମିଳନରୁ ଆନନ୍ଦ, ଋଣ ପରିଶୋଧ କରିପାରନ୍ତି, ମନୋରଞ୍ଜନର ମଉକା, ପ୍ଲଟିଂ ବ୍ୟବସାୟରେ ଉନ୍ନତି, ଆତ୍ମୀୟଙ୍କ ଆମନ୍ତ୍ରଣ, ଯନ୍ତ୍ରାଂଶ କ୍ରୟବିକ୍ରୟ, ରପ୍ତାନୀ ବାଣିଜ୍ୟରେ ପ୍ରତିବନ୍ଧକ, ସମସ୍ୟାବହୁଳ କର୍ମକ୍ଷେତ୍ର, ମାଙ୍ଗଳିକ କାମର ପ୍ରସ୍ତୁତି ॥

### ଧନୁ




କର୍ମକ୍ଷେତ୍ରରେ ବିବାଦ, ପାରିବାରିକ ଅସ୍ଥିରତା, ଧାରକରଜ କରିପାରନ୍ତି, ବନ୍ଧୁମାନଙ୍କ ପ୍ରେରଣା, ଗଠନମୂଳକ କାର୍ଯ୍ୟାରମ୍ଭ, ପରୋକ୍ଷ ଶତ୍ରୁତା, ସ୍ନାୟବିକ ଦୁର୍ବଳତା, ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦ, ସଂକଟ ଅପସରିଯିବ ॥

### ମକର



ସ୍ୱାସ୍ଥ୍ୟରେ ଉନ୍ନତି, ଅଜଣା ବ୍ୟକ୍ତିଙ୍କ ସହଯୋଗ, ପାରିବାରିକ ସହମତି, ପରିସ୍ଥିତି ହାଲୁକା ରହିବ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଅଗ୍ରଣୀ ଭୂମିକା ଗ୍ରହଣ, ଯାନବାହନରେ ସାବଧାନ, ନିର୍ମାଣ କାମରେ ବିବାଦ, ସଭା ସମିତିକୁ ନିମନ୍ତ୍ରଣ, ମାଙ୍ଗଳିକ କାର୍ଯ୍ୟରେ ବାଧା ॥

### କୁମ୍ଭ



ସାମାଜିକ ସମ୍ମାନ, ମକଦ୍ଦମାରେ ବିଜୟ, ପ୍ରଶାସନିକ ଆଲୋଚନା, କ୍ରୀଡାରେ ସଫଳତା, ବେହିସାବ ଖର୍ଚ୍ଚରୁ ମନସ୍ତାପ, ସରଳ ବିଶ୍ୱାସରୁ ଠକିଯିବେ, ଆଶଙ୍କାଗ୍ରସ୍ତ ହୋଇପାରନ୍ତି, ଜମିଜମା କ୍ରୟବିକ୍ରୟ, ଚୁକ୍ତିପତ୍ର କରିପାରନ୍ତି, ବିଦେଶ ଯାତ୍ରାର ସୁଯୋଗ ॥

### ମୀନ



ମାନସିକ ଅସ୍ଥିରତା, ନିଷ୍ପତି ନେବାରେ ଦ୍ୱନ୍ଦ୍ୱ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନୀ, ସାଂଗଠନିକ କାର୍ଯ୍ୟର ନେତୃତ୍ୱ, ପ୍ରକାଶନରେ ବିଳମ୍ବ, ଯୋଗ ସାଧନାରେ ରୁଚି, ସୁସ୍ଥ ଜୀବନଚର୍ଯ୍ୟା, ଆର୍ଥିକ ଅଭିବୃଦ୍ଧି, ବ୍ୟବସାୟିକ ଉତ୍କର୍ଷତା, ଧର୍ମକାର୍ଯ୍ୟ କରିବେ।

# ଜନ୍ମମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ

ଜନ୍ମମାସରୁ ବି ଜଣଙ୍କର ବ୍ୟକ୍ତିତ୍ୱ ବିଷୟରେ ଅନେକ କଥା ଜାଣି ହୋଇଯାଏ। ଯେମିତିକି: ଜାନୁଆରୀ ମାସରେ ଜନ୍ମ ହୋଇଥିବା ବ୍ୟକ୍ତି ଶାନ୍ତ ସ୍ୱଭାବର ହେଲେ ବି ଖୁବ୍ ଚାଲାକ ଚତୁର ହୋଇଥାନ୍ତି। ଫେବୃଆରୀରେ ଜନ୍ମ ହୋଇଥିବା ବ୍ୟକ୍ତି ଯେତିକି ଶାନ୍ତ ସେତିକି ରାଗୀ ମଧ୍ୟ ହୋଇଥାନ୍ତି। ଦେଖିବାକୁ ସାଦାସିଧା ଲାଗନ୍ତି ମାର୍ଚ୍ଚରେ ଜନ୍ମ ହୋଇଥିବା ବ୍ୟକ୍ତି କିନ୍ତୁ ସବୁ କାମ ବେଶ୍ ହୁସିଆର୍‌ରେ କରିଥାନ୍ତି। ଏପ୍ରିଲ୍‌ରେ ଜନ୍ମ ହୋଇଥିବା ବ୍ୟକ୍ତି କଥାରେ ଯେମିତି କାମରେ ବି ସେମିତି। ମେ'ର ଜନ୍ମ ହୋଇଥିବା ବ୍ୟକ୍ତି ହସଖୁସିଆ ମିଜାଜ୍‌ର ହୋଇଥାନ୍ତି କିନ୍ତୁ ରାଗିଗଲେ ତାଙ୍କୁ ବୁଝାଇବା ଏତେ ସହଜ ନୁହେଁ। ଦେଖିବାକୁ ଶାନ୍ତ ସ୍ୱଭାବର ଲାଗନ୍ତି ଜୁନ୍ ମାସରେ ଜନ୍ମିତ ବ୍ୟକ୍ତି, ହେଲେ ଖୁବ୍ ଉଚ୍ଚାଭିଳାଷୀ ହୋଇଥାନ୍ତି ଏମାନେ। ଜୁଲାଇରେ ଜନ୍ମିତ ବ୍ୟକ୍ତି ବେଶୀ ରାଗୀ ହୋଇ ନଥାନ୍ତି, କିନ୍ତୁ କାମରେ ଟିକେ ଏପଟ ସେପଟ ହେଲେ ତାଙ୍କୁ ବୁଝାଇବା ମୁସ୍କିଲ ହୋଇଯାଏ। ଖୋଲା ହୃଦୟର ହୋଇଥାନ୍ତି ଅଗଷ୍ଟରେ ଜନ୍ମିତ ବ୍ୟକ୍ତି କିନ୍ତୁ କେହି ତାଙ୍କୁ ଧୋକା ଦେଲେ ସେ ଆଉ ମୁହଁ ଚାହାନ୍ତି ନାହିଁ। ସବୁଠୁ ଅଧିକ ବୁଝିବାର ଆଉ ଚାଲାକ୍ ସ୍ୱଭାବର ହୋଇଥାନ୍ତି ସେପ୍ଟେମ୍ବରରେ ଜନ୍ମିତ ବ୍ୟକ୍ତି। ନିଜ ଇଚ୍ଛାର ରାଜା ହୋଇଥାନ୍ତି ଅକ୍ଟୋବରରେ ଜନ୍ମିତ ବ୍ୟକ୍ତି, କାହାକୁ ସେମାନଙ୍କର ଭୟ କି ଡ଼ର ନଥାଏ। ନଭେମ୍ବରରେ ଜନ୍ମିତ ବ୍ୟକ୍ତି ଟିକେ ସିକ୍ରେଟ୍ ମେଣ୍ଟେନ୍ କରିଥାନ୍ତି। ସହଜରେ ଏମାନଙ୍କ ମୁହଁରେ କିଛି କଥା ଆଦାୟ କରି ହୁଏନି। ଡିସେମ୍ବରରେ ଜନ୍ମିତ ବ୍ୟକ୍ତି ସବୁବେଳେ ଖୁସ୍ ଖୁସିଆ ରୁହନ୍ତି, ସେଥିପାଇଁ ଏମାନଙ୍କ ଦୁଃଖ କଷ୍ଟକୁ କେହି ସହଜରେ ଠଉରେଇ ପାରନ୍ତି ନାହିଁ।




# ପାଠକୀୟ

✲ ଏମାନେ କାହାରି ସାହାଯ୍ୟ ଓ ସହଯୋଗକୁ ଅପେକ୍ଷା ନ କରି ଏକା ଏକା ସମାଜ ମଙ୍ଗଳ କାର୍ଯ୍ୟରେ ଲାଗିଛନ୍ତି। କିଏ ଶ୍ରୀହୀନ ହୋଇଯାଇଥିବା ପ୍ରକୃତିରେ ଜୀବନ ଭରିଛନ୍ତି ତ ଆଉ କିଏ ଅସହାୟ ମଣିଷଙ୍କ ସାହା ହୋଇଛନ୍ତି। ଆଉ ପ୍ରମାଣ କରିଛନ୍ତି ଯେ, ଜଣେ ନାରୀ ଚାହିଁଲେ ଏକୁଟିଆ ସମାଜରେ ପରିବର୍ତ୍ତନ ଆଣିପାରେ। ତେଣୁ ଏଭଳି ଏକ ମନଛୁଆଁ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଏକାକୀ କର୍ଣ୍ଣଧାର' ଶୀର୍ଷକ ଆଲେଖ୍ୟଟି ଖୁବ୍ ସୁନ୍ଦର ହୋଇଥିଲା।

*– ତପନ ପୃଷ୍ଟି, ମୟୂରଭଞ୍ଜ*

✲ 'ଏକାକୀ କର୍ଣ୍ଣଧାର' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ପ୍ରେରଣାଦାୟୀ ହୋଇଥିଲା। 'ନୂଆବର୍ଷ ପାଇଁ ବାସ୍ତୁ ଟିପ୍ସ', 'ନୂଆବର୍ଷରେ କ'ଣ କିଣିବା ଶୁଭ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟେମ୍ପଲ ଜୁଏଲେରୀ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ସୁନୀତା ସାହୁ, ପାରାଦ୍ୱୀପ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ କଣ୍ଠଶିଳ୍ପୀ ବିବୁଧେନ୍ଦ୍ର ଓରଫ ବିବୁ ଦାସଙ୍କ ଜୀବନ କାହାଣୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପ୍ରତୀକ୍ଷା' ଶୀର୍ଷକ ଗପଟି ଖୁବ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଛୁଟିଦିନର ସ୍ୱତନ୍ତ୍ର କ୍ୟାଲେଣ୍ଡର ପୃଷ୍ଠାଟି ମଧ୍ୟ ଏଥର ଖୁବ୍ ସୁନ୍ଦର ହୋଇଥିଲା।

*– ଜୟନ୍ତୀ ଜେନା, କଳାହାଣ୍ଡି*

✲ ଗାଳ୍ପିକା ସାଗରିକା ପଟ୍ଟନାୟକ ଦାସଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ମନଛୁଆଁ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ରଥିପୁର କଟକ' ଶୀର୍ଷକ ପାଠଟିରୁ ବହୁ ଅଜଣା କଥା ଜାଣିହେଲା। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇଥିଲା। 'ନୂଆବର୍ଷରେ କୁଆଡ଼େ ବୁଲିବେ' ସେ ସମ୍ପର୍କରେ ସହରଠୁ ଦୂର ପୃଷ୍ଠାରୁ ପଢି ବହୁ ଉପାଦେୟ କଥା ଜାଣିହେଲା।

*– ମୋନିକା ପୃଷ୍ଟି, ସମ୍ବଲପୁର*

✲ 'ଟ୍ରେନ୍‌ରେ ସିଟ୍ ବେଲ୍ଟ କାହିଁକି ନଥାଏ' ସେ ସମ୍ପର୍କରେ ବିବିଧା ପୃଷ୍ଠାରୁ ପଢି ଜାଣିହେଲା। 'ମହୁ ତିଆରି କରୁଥିବା ଜହ୍ନା' ପାଠଟି ଆଶ୍ଚର୍ଯ୍ୟକର ଥିଲା। ଏଥରର 'ଚିନ୍ମୟ ଚିନ୍ତନ' ପାଠଟିରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଜ୍ୱାଇଁଙ୍କୁ କୂଅରେ ଫୋପାଡ଼ିବା ପରମ୍ପରା', 'କୁକୁର ପିଠିରେ ବସି ମାଙ୍କଡ଼ କରୁଛି ରେସ୍', 'ଷ୍ଟିକର ବଲ୍' ଆଦି ପାଠଗୁଡ଼ିକ ଆଶ୍ଚର୍ଯ୍ୟକର ହେବା ସହ ହୃଦୟଛୁଆଁ ଥିଲା।

*– ପବନ ସୁବୁଦ୍ଧି, ପୁରୀ*

## ବିଶେଷ ଚିଠି




ଏକାକୀ କର୍ଣ୍ଣଧାର ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ବାର୍ତ୍ତା ବି ସେମିତି।
ତା'ସାଙ୍ଗକୁ ଥିଲା ବ୍ୟକ୍ତିତ୍ୱର ଗାଥା
ମନ କିଣି ନେଉଥିଲା ପୁଣି
ତୁମ ସୃଜନର କବିତା।
ହେ ମୋର ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ
ଭାରୀ ନୂତନ ନୂତନ।

*– ରମେଶ ଛାଟୋଇ, କାକଟପୁର*

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସୁରକ୍ଷା ଚିନ୍ତା




**ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଭିତରେ ଦ୍ରୁତ ଗତିରେ ଗାଡ଼ିଚାଳନା, ଟ୍ରାଫିକ୍ ନିୟମ ନମାନିବା, ବିନା ସିଟ୍ ବେଲ୍ଟ ବା ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଇବା ; ଯାହା ଏବେ ବ୍ୟଥିତ କରିଛି କିଛି ବ୍ୟକ୍ତି ବିଶେଷଙ୍କୁ ଆଉ ଲୋକଙ୍କ ସୁରକ୍ଷା ପାଇଁ ସେମାନେ ଏବେ ଅଣ୍ଟା ଭିଡ଼ିଛନ୍ତି...**

ସଡ଼କ ଦୁର୍ଘଟଣା ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ପ୍ରତିଦିନ କେଉଁଠି ନା କେଉଁଠି ଛୋଟ ହେଉ କି ବଡ଼ ହେଉ ସଡ଼କ ଦୁର୍ଘଟଣା ଘଟିବାର ଖବର ସୋସିଆଲ୍ ମିଡିଆ, ଟେଲିଭିଜନ, ଖବରକାଗଜରୁ ଜାଣିବାକୁ ମିଳୁଛି। ଟିକେ ଟିକେ ଭୁଲ୍ ପାଇଁ ଅକାଳରେ ନିରୀହ ଲୋକଙ୍କର ଜୀବନ ଚାଲିଯାଉଛି। କେଉଁଠି ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁ ହେଉ କି କେଉଁଠି ଟ୍ରାଫିକ୍ ନିୟମ ନ ମାନି ଦୁର୍ଘଟଣା ଘଟୁଛି ତ ପୁଣି କେଉଁଠି ବିନା ହେଲ୍‌ମେଟ୍, ବିନା ସିଟ୍‌ବେଲ୍ଟରେ ଗାଡ଼ି ଚାଳନା ଲୋକଙ୍କ ମୃତ୍ୟୁର କାରଣ ସାଜୁଛି। କିଛି ଲୋକ ଟ୍ରାଫିକ୍ ନିୟମ ଜାଣିବି ତାକୁ ମାନୁ ନାହାନ୍ତି ତ ଆଉ କିଛି ଲୋକ ଏ ନିୟମକାନୁନ ବିଷୟରେ ଅବଗତ ନାହାନ୍ତି। ଯାହାକୁ ଦୃଷ୍ଟିରେ ରଖି କିଛି ବ୍ୟକ୍ତି ନିଜସ୍ୱ ଉଦ୍ୟମରେ ଲୋକଙ୍କୁ ସଡ଼କ ସଚେତନତା ସମ୍ପର୍କରେ ଅବଗତ କରାଇବାକୁ ଏମିତି କିଛି ଭିନ୍ନ କାମ ହାତକୁ ନେଇଛନ୍ତି, ଯାହା ତାଙ୍କୁ ଏ ସମାଜରେ ଏକ ଭିନ୍ନ ପରିଚିତି ପ୍ରଦାନ କରିଛି। ସେମିତି କିଛି ବ୍ୟକ୍ତିଙ୍କ ଜୀବନ କାହାଣୀ ସମ୍ପର୍କରେ...

**ମହିଳାଙ୍କ ସୁରକ୍ଷିତ ଅଟୋ ଡ୍ରାଇଭର୍ ରାଜି ଅକ୍କା:** ଲେଟ୍ ନାଇଟ୍‌ରେ କାମ ସାରି ଏକାକୀ ଝିଅଟିଏ ଯେବେ ଘରକୁ ଫେରୁଥାଏ, ତା’ ମନରେ ଅନେକ କଥାକୁ ନେଇ ଭୟ ଥାଏ। ଚୋର/ତସ୍କରଙ୍କର ଭୟ, ଅସାମାଜିକ ବ୍ୟକ୍ତିଙ୍କର ଭୟ, ଅଟୋ ବା ଟ୍ୟାକ୍ସି ଡ୍ରାଇଭର୍‌ଙ୍କର ଖରାପ ମନୋବୃତ୍ତିର ଭୟ ଇତ୍ୟାଦି। ସେଥିପାଇଁ ସେ ଘରେ ପହଞ୍ଚିବା ପର୍ଯ୍ୟନ୍ତ ଭଗବାନ୍‌ଙ୍କୁ ସୁମରଣା କରୁଥାଏ, କେମିତି ଭଲରେ ଯାଇ ଘରେ ପହଞ୍ଚିଯାଏ। ଝିଅମାନଙ୍କର ଏହି ଅସୁବିଧାକୁ ନଜରରେ ରଖି ଚେନ୍ନାଇର ଜଣେ ମହିଳା ଅଟୋ ଡ୍ରାଇଭର୍ ତାଙ୍କ ଅଞ୍ଚଳରେ ରାତିରେ ଅସୁବିଧାରେ ପଡ଼ିଥିବା ଝିଅମାନଙ୍କୁ ଘରେ ନେଇ ଭଲରେ ପହଞ୍ଚାଇବାର ଏକ ମହତ୍ କାମ ଆଜକୁ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ କରି ଆସୁଛନ୍ତି। ଏହି ମହିଳା ଅଟୋ ଡ୍ରାଇଭରଙ୍କୁ **ରାଜି ଅକ୍କା** ବୋଲି ସମସ୍ତେ ଜାଣନ୍ତି। ରାଜିଙ୍କର ପ୍ରକୃତ ଘର କେରଳରେ। ସେ ଫିଲୋସଫିରେ ଗ୍ରାଜୁଏସନ୍ କରିଛନ୍ତି। ତାଙ୍କ ଗାଁର ଅଶୋକ ନାମରେ ଜଣେ ଅଟୋ ଡ୍ରାଇଭର୍‌ଙ୍କୁ ସେ ଭଲ ପାଇ ବାହା ହୋଇଥିଲେ। ବାହାଘର ପରେ ସେମାନେ କୋଏମ୍ବାଟୁର ଚାଲିଗଲେ। ସେଠି ଅଶୋକ ଅଟୋ ଚଲାଇଲେ ଆଉ ରାଜି ଏକ ଟ୍ରାଭେଲ୍ ଏଜେନ୍ସିରେ କାମ କରି ବେଶ୍ ଖୁସିରେ ଦୁହେଁ ଚଳିଲେ। କିନ୍ତୁ ଦିନେ ସେମାନେ ରହୁଥିବା ଜାଗାରେ କୌଣସି କାରଣରୁ ଝଗଡ଼ା ଲାଗି ବମ୍ ବ୍ଲାଷ୍ଟ ହେବାରୁ ତାଙ୍କର ସବୁ ଜିନିଷପତ୍ର ପୋଡ଼ିଗଲା। କିଛି ଉପାୟ ନ ପାଇ ଚେନ୍ନାଇରେ ରହୁଥିବା ଜଣେ ସମ୍ପର୍କୀୟ ଭାଇଙ୍କ ପାଖକୁ ସେମାନେ ପଳେଇ ଆସିଲେ। ଅଶୋକ ଏଠି ଭଡ଼ାରେ ଅଟୋ ଚଲେଇବା କାମ କଲେ। ରାଜି ଚାକିରି ପାଇଁ ଯେତେ ଚେଷ୍ଟା କଲେ ବି କେଉଁଠି ତାଙ୍କୁ ଚାକିରି ମିଳିଲାନି। ଘର ଖର୍ଚ୍ଚ ସମ୍ଭାଳିବାକୁ ବାଧ ହୋଇ ସ୍ୱାମୀଙ୍କ ଭଳି ଅଟୋ ଚଲେଇବାକୁ ସେ ନିଷ୍ପତ୍ତି ନେଲେ। ଏଥିପାଇଁ ରାଜି ସ୍ୱତନ୍ତ୍ର ତାଲିମ ବି ନେଲେ। ବାସ୍ ସେବେଠାରୁ ରାଜି ଅଟୋ ଚଲେଇ ନିଜର ତଥା ନିଜ ପରିବାରର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ତା’ସହିତ ଅନେକ ଜନହିତକର କାମ ବି ସେ କରୁଛନ୍ତି। ରାଜି କର୍ମଠ ଯେମିତି ହୃଦୟବତୀ ବି ସେମିତି। ଯଦି କୌଣସି ଅସହାୟ ଯାତ୍ରୀଙ୍କ ପାଖରେ ଅଟୋ ଭଡ଼ା ଦେବାକୁ ପଇସା ନ ଥିବାର ସେ ଦେଖନ୍ତି ତାଙ୍କୁ ମାଗଣାରେ ନେଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦିଅନ୍ତି। ବିଶେଷକରି ମହିଳାଯାତ୍ରୀ, ବୃଦ୍ଧାବୃଦ୍ଧ, ଛୋଟ ଛୁଆଙ୍କ ପ୍ରତି ତାଙ୍କ ମନରେ ଦୟାଭାବ ଥାଏ। ସ୍କୁଲ୍ ଝିଅଟିଏ ଅଟୋ ପାଇଁ ଠିଆ ହୋଇଥିବାର ଦେଖିଲେ ତାକୁ ମାଗଣାରେ ନେଇ ସ୍କୁଲ୍‌ରେ ହେଉକି ଘରେ ନେଇ ଛାଡିଦିଅନ୍ତି। ରାତି ଅଧରେ ବି ଯଦି କେହି ଅସୁବିଧାରେ ପଡି ତାଙ୍କୁ ଫୋନ୍ କରନ୍ତି ସେ ଅଟୋ ଧରି ବାହାରି ପଡନ୍ତି ତାଙ୍କୁ ସାହାଯ୍ୟ କରିବାକୁ। ବିଶେଷକରି ଅଫିସ କାମସାରି ଲେଟ୍ ନାଇଟ୍‌ରେ ଘରକୁ ଫେରୁଥିବା ଝିଅମାନଙ୍କୁ ସାହାଯ୍ୟ କରିବାକୁ ସେ ସର୍ବଦା ତତ୍ପର ଥାନ୍ତି। ରାଜିଙ୍କର ଏଭଳି ପରୋପକାରୀ ଗୁଣ ପାଇଁ ତାଙ୍କୁ ସମସ୍ତେ ଖୁବ୍ ଭଲ ପାଇଥାନ୍ତି। ଏସବୁ ବ୍ୟତୀତ ରାଜି ସ୍ୱାମୀଙ୍କ ସହଯୋଗରେ ସ୍ଥାନୀୟ ଏକ ଅନାଥାଶ୍ରମକୁ ବି ନିଜ ସାଧମତେ ଅର୍ଥ ସାହାଯ୍ୟ କରିଆସୁଛନ୍ତି। ଏହାଛଡ଼ା ଇଚ୍ଛୁକ ମହିଳାମାନଙ୍କୁ ରାଜି ମାଗଣାରେ ଅଟୋ ଡ୍ରାଇଭିଂ ଟ୍ରେନିଂ ଦେଉଥିବାର ସୂଚନା ବି ରହିଛି। ରାଜିଙ୍କର ଏଭଳି ମହାନ୍ କାମ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯିବା ସହ ଅନେକ ମିଡିଆ ଚ୍ୟାନେଲ୍‌ରେ ତାଙ୍କର ସାକ୍ଷାତ୍‌କାର ବି ନିଆଯାଇଛି। ଏଥିସହିତ ସ୍କୁଲ୍, କଲେଜ ପିଲାମାନଙ୍କୁ କିଛି ଭଲ ଉପଦେଶ ଦେବା ପାଇଁ ତଥା ସଡ଼କ ସୁରକ୍ଷା ଉପରେ ସଚେତନ କରାଇବା ପାଇଁ ରାଜିଙ୍କୁ ଚେନ୍ନାଇର କିଛି ସ୍କୁଲ୍ ଓ କଲେଜ ତରଫରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେବାକୁ ଆମନ୍ତ୍ରିତ କରାଯାଇଛି। ସତରେ ରାଜି ଅକ୍କା ଏ ସମାଜ ପାଇଁ ଏକ ପ୍ରେରଣା।

**ଦି ବେଲ୍ ମ୍ୟାନ୍ ବିଜୟ ମଲହୋତ୍ରା:** ପ୍ରତି ସାଇକେଲ୍‌ରେ ଗୋଟିଏ ବେଲ୍ ଲାଗିଥାଏ ; ଯାହାକୁ ବଜାଇଲେ ଟ୍ରିଂ ଟ୍ରିଂ ସାଉଣ୍ଡ ହୁଏ। ଆଉ ଏହି ସାଉଣ୍ଡକୁ ଶୁଣିବା ମାତ୍ରେ ଆଗରେ ଯାଉଥିବା ଲୋକଟି ସଚେତନ ହୋଇଯାଏ ଯେ, ପଛରୁ ସାଇକେଲ୍‌ଟିଏ ଆସୁଛି। ତେଣୁ ସେ ଟିକେ ସତର୍କ ହୋଇ ନିଜ ସୁରକ୍ଷାରେ ଚାଲେ। ଯଦ୍ୱାରା ସାଇକେଲ୍ ଚାଳକ ବେଶ୍ ଆରାମରେ ତା’ବାଟରେ ସାଇକେଲ୍ ଧରି ଚାଲିଯାଏ। ଏହା ତ ଅତି ସାଧାରଣ କଥା। କିନ୍ତୁ ଏଠାରେ ଯେଉଁ ବ୍ୟକ୍ତିଙ୍କ ବିଷୟରେ କୁହାଯାଉଛି, ସେହି ବ୍ୟକ୍ତି ଜଣଙ୍କ ଟିକେ ଭିନ୍ନ ଷ୍ଟାଇଲ୍‌ର ସାଇକେଲ୍ ଚଲେଇବାକୁ ଭଲ ପାଆନ୍ତି। ଭିନ୍ନ ଏଇଥିପାଇଁ ଯେ, ତାଙ୍କ ସାଇକେଲ୍‌ରେ ଗୋଟିଏ କି ଦୁଇଟି ନୁହେଁ ପ୍ରାୟ ୧୦୦ଟି ବେଲ୍ ଲାଗିଥାଏ, ସେ ପୁଣି ସାଇକେଲ୍‌ର ହ୍ୟାଣ୍ଡେଲ୍‌ରେ କିଛି ଏବଂ ଆଗଚକ ଓ ପଛଚକ ପାଖରେ କିଛି। ଆଉ ସେଗୁଡ଼ିକ ପରସ୍ପର ସହ ଇଣ୍ଟର କନେକ୍ଟେଡ୍ ହୋଇ ରହିଥାଏ। ଫଳରେ ଗୋଟିଏ ବେଲ୍‌କୁ ଚିପିଲେ, ଏକକାଳୀନ ସବୁ ବେଲ୍ ବାଜିଉଠେ। ୧୦୦ଟି ବେଲ୍‌ର ଏକକାଳୀନ ଟ୍ରିଂ ଟ୍ରିଂ ସାଉଣ୍ଡ ଏକ ନିଆରା ପରିବେଶ ସୃଷ୍ଟି କରେ। ଏଭଳି ଏକ ଅଜବ ସାଇକେଲ୍ ଚଲାଉଥିବା ବ୍ୟକ୍ତି ଜଣଙ୍କ ହେଲେ ମୁମ୍ବାଇର **ବିଜୟ ମଲହୋତ୍ରା**। କିନ୍ତୁ ଲୋକମୁଖରେ ସେ ‘ଦି ବେଲ୍ ମ୍ୟାନ୍’ ଭାବେ ବେଶ୍ ପରିଚିତ। ନିଶା ତାଙ୍କର ସଡ଼କ ସୁରକ୍ଷା ଉପରେ ଲୋକସଚେତନତା ସୃଷ୍ଟି କରାଇବା। ସେଥିପାଇଁ ସେ ଯେବେ ବି କାମରୁ ଟିକେ ଫୁର୍‌ସତ୍ ପାଆନ୍ତି, ତାଙ୍କର ଏହି ୧୦୦ଟି ବେଲ୍ ଲାଗିଥିବା ସାଇକେଲ୍‌କୁ ଧରି ବାହାରିଯାନ୍ତି ତାଙ୍କ ମନ ଯୁଆଡ଼େ ହୁଏ। ଯେଉଁଠି ଲୋକେ ଟ୍ରାଫିକ୍ ନିୟମ ନ ମାନି ରାସ୍ତା ପାର୍ ହେଉଥିବା ଦେଖନ୍ତି ସେଠି ଟିକେ ଅଟକି ଯାଇ ସାଇକେଲ ବେଲ୍ ବଜାଇଦିଅନ୍ତି। ହଠାତ୍ ୧୦୦ଟି ବେଲ୍‌ର ଟ୍ରିଂ ଟ୍ରିଂ ସାଉଣ୍ଡରେ ଲୋକେ ଚମକି ପଡି ଏଣେତେଣେ ଚାହାନ୍ତି। ଆଉ ସେମାନଙ୍କ ନଜର ଯେବେ ବିଜୟଙ୍କର ଏହି ସାଇକେଲ୍ ଉପରେ ପଡ଼େ ସେମାନେ ଆଶ୍ଚର୍ଯ୍ୟ ଯେମିତି ହୁଅନ୍ତି ସେମିତି ଉତ୍ସୁକ ଥାଆନ୍ତି ବିଜୟଙ୍କର ଏହି ସାଇକେଲ୍‌କୁ ପାଖରୁ ଟିକେ ଦେଖିବାକୁ। ଏହି ମଉକାରେ ବିଜୟ ସେମାନଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ଉପରେ ଭଲ ଭଲ ଉପଦେଶମାନ ଦେଇଥାନ୍ତି। ବିଜୟଙ୍କର ଏହି ପ୍ରୟାସକୁ କେତେଜଣ ପସନ୍ଦ କରନ୍ତି ତ ଆଉ କେତେଜଣ ଶୁଣି ନ ଶୁଣିଲା ଭଳି ସେଠାରୁ ଚାଲିଯାନ୍ତି। ଏକଥା ବିଜୟଙ୍କୁ ଆଘାତ ଦେଉଥିଲେ ବି ସେ କାହାକୁ କିଛି କହନ୍ତି ନାହିଁ ବରଂ ଏହାକୁ ନିଜର କର୍ତ୍ତବ୍ୟ ଭାବି ନିୟମିତ ସେ ଏହି କାମ କିଛି କିଛି ସମୟ କରିଥାନ୍ତି। ସେ ଭାବନ୍ତି,



ବିଜୟ ମଲହୋତ୍ରା



ରାଜି ଅକ୍କା

ଯଦି କିଛି ଲୋକ ମୋର ଏହି ଛୋଟିଆ ପ୍ରୟାସ ଦ୍ୱାରା ସଚେତନ ହୋଇଗଲେ, ତା'ହେଲେ ମୋ ଶ୍ରମ ସାର୍ଥକ ହୋଇଗଲା। ସତରେ ବିଜୟଙ୍କର ଏହି ଅଭିନବ ସଡ଼କ ସଚେତନତା କାର୍ଯ୍ୟକ୍ରମ ଏ ସମାଜ ପାଇଁ ଏକ ଉଦାହରଣ।

**ଲାଇଟ୍ ଗର୍ଲ ଖୁସି ପାଣ୍ଡେ:** ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଅନେକ ଲୋକ ପ୍ରାଣ ହରାଉଛନ୍ତି। ତନ୍ମଧ୍ୟରୁ ସାଇକେଲ୍ ଚାଳକ ବି କିଛି ରହୁଛନ୍ତି। ବେଳେବେଳେ ସାଇକେଲ୍ ଦୁର୍ଘଟଣାର ଏକ ପ୍ରମୁଖ କାରଣ ସାଜୁଛି ସାଇକେଲ୍ ପଛରେ ବ୍ଲିଙ୍କିଙ୍ଗ୍ ଲାଇଟ୍ ବା ସେଫ୍ଟି ଲାଇଟ୍ ନ ଥିବା ଯୋଗୁ। ଏହି ଲାଇଟ୍ ସାଇକେଲ୍ ପଛରେ ଲାଗିଥିଲେ, ଅନ୍ଧାରୁଆ ରାସ୍ତାରେ ହେଉକି କୁହୁଡ଼ି ରାସ୍ତାରେ ଯାଉଥିବା ସମୟରେ ଏଥିରେ ପଛରୁ ଆସୁଥିବା ଗାଡ଼ିର ଲାଇଟ୍ ପଡିଲେ ଏହା ଉଜ୍ଜ୍ୱଳ ଭାବେ ଜଳିଉଠେ। ଯଦ୍ୱାରା ମୋଟର ଚାଳକ କି କାର୍ ଚାଳକ ଜାଣି ପାରନ୍ତି ଯେ, ଆଗରେ କେହି ଜଣେ ସାଇକେଲ୍ ଚଲେଇ ଯାଉଛି। ଯଦ୍ୱାରା ସେମାନେ ଦେଖିଚାହିଁ ତାଙ୍କର ଗାଡ଼ିକୁ ସାଇଡ୍ କାଟି ନେଇଯାନ୍ତି। ଫଳରେ ଆଉ ଦୁର୍ଘଟଣା ହୁଏନି। ହେଲେ ଏବେ ବି କିଛି ସାଇକେଲ୍ ଚାଳକ ଏନେଇ ସଚେତନ ନାହାନ୍ତି। ଯେମିତି ନ ଥିଲେ ଲକ୍ଷ୍ନୌର **ଖୁସି ପାଣ୍ଡେ**ଙ୍କ ଅଜା। ସେ ଦିନେ ଅନ୍ଧାର ରାତିରେ ସାଇକେଲ୍ ଚଲେଇ ଯାଉଥିବା ସମୟରେ ପଛପଟୁ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା ଆଉ ସେଇଠି ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାର ତଦନ୍ତରୁ ଜଣାଗଲା ଯେ, ତାଙ୍କ ସାଇକେଲ୍ ପଛରେ ବ୍ଲିଙ୍କିଙ୍ଗ୍ ଲାଇଟ୍ ନ ଥିବାରୁ କାର୍ ଚାଳକ ଅନ୍ଧାରରେ ଜାଣି ପାରିଲେ ନାହିଁ ଆଉ ଭୁଲ୍ ବଶତଃ ଦୁର୍ଘଟଣା ହୋଇଗଲା। ଅଜାଙ୍କର ଏହି ଦୁର୍ଘଟଣା ପରଠାରୁ ତାଙ୍କ ନାତୁଣୀ ଖୁସି ପାଣ୍ଡେ ପଣ କରିଥିଲେ ଯେ, ଲକ୍ଷ୍ନୌରେ କୌଣସି ସାଇକେଲ୍ ଚାଳକଙ୍କୁ ବିନା ବ୍ଲିଙ୍କିଙ୍ଗ୍ ଲାଇଟ୍‌ରେ ସାଇକେଲ ଚଲେଇବାକୁ ଦେବେ ନାହିଁ। ସେଥିପାଇଁ ସେ ଏକ ଅଭିନବ ଉପାୟ ଚିନ୍ତା କଲେ। ପ୍ରତିଦିନ ରାତିରେ ସେ ନିଜ ସାଙ୍ଗରେ କିଛି ଚାର୍ଜେବଲ୍ ବ୍ଲିଙ୍କିଙ୍ଗ୍ ଲାଇଟ୍ ନେଇ ଘରପାଖ ଟ୍ରାଫିକ୍ ଛକରେ ଠିଆ ହେଲେ। ସେହି ବାଟ ଦେଇ ଯେଉଁ ସାଇକେଲ୍ ଚାଳକ ବିନା ସେଫ୍ଟି ଲାଇଟ୍‌ରେ ଯାଉଥିଲେ ତାଙ୍କୁ ଅଟକାଇ ସଡ଼କ ଦୁର୍ଘଟଣା ସମ୍ପର୍କରେ ସଚେତନ କରାଇବା ସହ ମାଗଣାରେ ତାଙ୍କ ସାଇକେଲ୍‌ରେ ବ୍ଲିଙ୍କିଙ୍ଗ୍ ଲାଇଟ୍ ଲଗାଇ ଦେଉଥିଲେ। ଏସବୁ ସେ ନିଜ ଖର୍ଚ୍ଚରେ ତୁଲାଉଥିଲେ। ସେଥିପାଇଁ ଖୁସି ଲ'ପଢ଼ା ସାଙ୍ଗକୁ ୩ଟି ପାର୍ଟ ଟାଇମ୍ ଜବ୍ ବି କରୁଥିଲେ। ସପ୍‌ନୋ କି ଉଡ଼ାନ ଫାଉଣ୍ଡେଶନ୍ ନାମରେ ଖୁସିଙ୍କର ଏକ ଏନ୍‌ଜିଓ ସଂସ୍ଥା ବି ରହିଛି। ଏହି ଏନ୍‌ଜିଓ ତରଫରୁ ସେ ଅନେକ ସମାଜ ମଙ୍ଗଳ କାମ କରିଥାନ୍ତି। ଯେମିତିକି ମହିଳାଙ୍କୁ ମାସିକ ଋତୁସ୍ରାବ ଉପରେ ସଚେତନ କରାଇବା ପାଇଁ ପ୍ରୋଜେକ୍ଟ ଦାଗ, ଅସହାୟ, ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟନ ପାଇଁ ପ୍ରୋଜେକ୍ଟ ଅନ୍ନପୂର୍ଣ୍ଣା, ମୁଣ୍ଡଫଟା ଖରାରେ କାମ କରୁଥିବା ଶ୍ରମିକଙ୍କ ସୁବିଧା ପାଇଁ ପ୍ରୋଜେକ୍ଟ ଛାଉଁ ଇତ୍ୟାଦି କାମ ଉପରେ ସେ ବେଶି ଗୁରୁତ୍ୱ ଦେଇଥାନ୍ତି। ଆଉ ଅଜାଙ୍କ ଦେହାନ୍ତ ପରେ ମାଗଣାରେ ବ୍ଲିଙ୍କିଙ୍ଗ୍ ଲାଇଟ୍ ବାଣ୍ଟିବାର କାମକୁ ସେ ପ୍ରୋଜେକ୍ଟ ଉଜାଲା ନାମରେ ନାମିତ କରି ସେ ଦିଗରେ ଆଗେଇ ଚାଲିଛନ୍ତି। ୟା'ଭିତରେ ସେ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ସାଇକେଲ୍‌ଚାଳକଙ୍କ ସାଇକେଲ୍‌ରେ ମାଗଣାରେ ବ୍ଲିଙ୍କିଙ୍ଗ୍ ଲାଇଟ୍ ଲଗେଇ ନିଜର ଏକ ନିଆରା ଛାପ ଛାଡ଼ିସାରିଲେଣି। ଲୋକେ ତାଙ୍କୁ ଏବେ ଲାଇଟ୍ ଗର୍ଲ ଖୁସି ପାଣ୍ଡେ କହୁଥିବାର ଶୁଣିବାକୁ ମିଳୁଛି। ସତରେ ଖୁସିଙ୍କର ଏହି ଛୋଟିଆ ପ୍ରୟାସ ଅନେକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେଉଥିବାରୁ ତାଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ।



ଖୁସି ପାଣ୍ଡେ

**ହେଲ୍‌ମେଟ୍ ମ୍ୟାନ୍ ରାଘବେନ୍ଦ୍ର କୁମାର:** ବିହାରର ଜଣେ ସାମାଜିକ କର୍ମୀ ଭାବେ ସେ ବେଶ୍ ପରିଚିତ। ବିପଦ ଆପଦରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବା, ଲୋକଙ୍କ ମନରେ ସଡ଼କ ସଚେତନତା ସୃଷ୍ଟି କରାଇବା ଏପରିକି ଗରିବ, ଅସହାୟ ପିଲାଙ୍କୁ ମାଗଣାରେ ବହି ପତ୍ର ଯୋଗାଇ ଦେବାରେ ତାଙ୍କର ରହିଛି ଅନେକ ଅବଦାନ। ବିଶେଷକରି ଯେଉଁ ଗରିବ ଶ୍ରେଣୀର ବ୍ୟକ୍ତିମାନେ ବିନା ହେଲ୍‌ମେଟ୍‌ରେ ରାସ୍ତାରେ ଗାଡ଼ି ଚଳାଇଥାନ୍ତି, ସେମାନଙ୍କୁ ମାଗଣାରେ ହେଲ୍‌ମେଟ୍ ଯୋଗାଇ ଦେବାର ଏକ ନିଆରା ପ୍ରୟାସ ଆରମ୍ଭ କରିଥିବା ଏହି ବ୍ୟକ୍ତି ଜଣଙ୍କ ହେଲେ **ରାଘବେନ୍ଦ୍ର କୁମାର**। ଲୋକେ କିନ୍ତୁ ତାଙ୍କୁ ସ୍ନେହରେ ହେଲ୍‌ମେଟ୍ ମ୍ୟାନ୍ ଅଫ୍ ଇଣ୍ଡିଆ ବୋଲି ସମ୍ବୋଧନ କରିଥାନ୍ତି। କାରଣ ସେ ଯେଉଁ ମହତ୍ କାର୍ଯ୍ୟର ଭାର ନିଜ ମୁଣ୍ଡରେ ମୁଣ୍ଡାଇଛନ୍ତି ତାହା ସମସ୍ତଙ୍କ ପକ୍ଷେ କରିବା ସମ୍ଭବ ନୁହେଁ। ତାଙ୍କର ଏହି ହେଲ୍‌ମେଟ୍ ବାଣ୍ଟିବାର କାମ ଆରମ୍ଭ ହୁଏ ୨୦୧୪ ମସିହାରୁ। ଏହି ମସିହା ତାଙ୍କ ପାଇଁ ଏକ ଅଭୁଲା ଅତୀତ ହୋଇ ରହିଯାଇଛି। କାରଣ ଏହି ମସିହାରେ ରାଘବେନ୍ଦ୍ର ତାଙ୍କର ଜଣେ ଅତି ପ୍ରିୟ ସାଙ୍ଗକୁ ହରାଇଥିଲେ, ସେପୁଣି ବିନା ହେଲ୍‌ମେଟ୍‌ରେ ବାଇକ୍ ଚଲାଇ ଦୁର୍ଘଟଣାର ଶିକାର ହୋଇଥିବା ଯୋଗୁ। ରାଘବେନ୍ଦ୍ର ଦୁର୍ଘଟଣାର ଖବର ପାଇଁ ଯେତେବେଳେ ସାଙ୍ଗ ଘରେ ଯାଇ ପହଞ୍ଚିଥିଲେ, ସେଇଠୁ ଜାଣିବାକୁ ପାଇଲେ ଯେ, ହେଲ୍‌ମେଟ୍ ଭାଙ୍ଗି ଯାଇଥିବା ଯୋଗୁ ଗୋଟେ ନୂଆ ହେଲ୍‌ମେଟ୍ କିଣିବାକୁ ସାଙ୍ଗ ଚାହୁଁଥିଲେ କିନ୍ତୁ ପଇସାପତ୍ର ନଥିବା ଯୋଗୁ କିଣି ପାରି ନଥିଲେ। ହେଲେ କିଏ ଜାଣିଥିଲା ଏହି ହେଲ୍‌ମେଟ୍ ହିଁ ତାଙ୍କ ମୃତ୍ୟୁର କାରଣ ସାଜିବ ବୋଲି। ଏକଥା ଜାଣିବା ପରେ ରାଘବେନ୍ଦ୍ର ସେହି କ୍ଷଣି ହିଁ ନିଷ୍ପତ୍ତି ନେଇଥିଲେ ଯେ, ୟା'ପରଠାରୁ ସିଏ ଯେଉଁ ଅସହାୟ ଭାଇଭଉଣୀଙ୍କୁ ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଲାଉଥିବାର ଦେଖିବେ ତାଙ୍କୁ ମାଗଣାରେ ହେଲ୍‌ମେଟ୍ ପ୍ରଦାନ କରିବେ। ସେବେଠାରୁ ସେ ଏହି ମହତ୍ କାମ ଜାରି ରଖିଛନ୍ତି। ଏଥିପାଇଁ ସେ ତାଙ୍କର ପକେଟ୍ ମନି ଏପରିକି ତାଙ୍କର ଏକ ଫ୍ଲାଟ୍‌କୁ ମଧ୍ୟ ବିକ୍ରି କରିସାରିଛନ୍ତି। ତା'ସହିତ ସେ ଏକ ଫାଉଣ୍ଡେସନ୍ ମଧ୍ୟ ଗଢ଼ିଛନ୍ତି, ଏଥିରୁ ବି କିଛି ସାହାଯ୍ୟ ତାଙ୍କୁ ମିଳିଯାଉଛି। ଯେଉଁଥିପାଇଁ ୟା'ଭିତରେ ସେ ମାଗଣାରେ ପ୍ରାୟ ୬୦ ହଜାରରରୁ ଊର୍ଦ୍ଧ୍ୱ ହେଲ୍‌ମେଟ୍ ଲୋକଙ୍କୁ ବାଣ୍ଟି ସାରିଲେଣି। ଏହାଛଡ଼ା ଏଇ କିଛିଦିନ ତଳେ ତାଙ୍କ ନଜରକୁ ଆଉ ଏକ ଦୁଃଖଦ ଘଟଣା ଆସିଥିଲା। କିଛି ଗରିବ ପିଲା ବହିପତ୍ର ଅଭାବରୁ ପାଠପଢ଼ା ଛାଡ଼ି ମୂଲ କାମ କରୁଥିବାର ସେ ଦେଖିଥିଲେ। ନିଜ ସାଧ୍ୟମତେ ସାହାଯ୍ୟ କରି ପାଠ ପଢିବାକୁ ସେମାନଙ୍କୁ ଉପଦେଶ ଦେଇଥିଲେ। ଏଥିସହିତ ସେ ଅନ୍ୟ ଏକ ଯୋଜନା କରିବାର ନିଷ୍ପତ୍ତି ନେଲେ। ଯେଉଁମାନଙ୍କର ମାଗଣାରେ ହେଲ୍‌ମେଟ୍ ଆବଶ୍ୟକ ସେମାନେ ଚାହିଁଲେ ତାଙ୍କ ପାଖରେ ଥିବା କିଛି ପୁରୁଣା ପାଠବହିକୁ ରାଘବେନ୍ଦ୍ରଙ୍କୁ ଦେଇ ତାଙ୍କଠାରୁ ଏକ ନୂଆ ହେଲ୍‌ମେଟ୍ ନେଇପାରିବେ। ରାଘବେନ୍ଦ୍ରଙ୍କର ଏହି ଉପାୟ ବି ଭଲ କାମ ଦେଲା। ଯେଉଁଥିପାଇଁ ତାଙ୍କ ଉଦ୍ୟମରେ ଏବେ ଦେଶର ବିଭିନ୍ନ ସ୍ଥାନରେ କେତୋଟି ଲାଇବ୍ରେରୀ ଗଢ଼ି ଉଠିଛି ; ଯେଉଁଠାରୁ ଗରିବ ପିଲାମାନେ ମାଗଣାରେ ବହି ନେଇ ପାଠ ପଢ଼ିପାରୁଛନ୍ତି। ରାଘବେନ୍ଦ୍ରଙ୍କର ଏହି ଅଭିନବ ପ୍ରୟାସ ପାଇଁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଏପରିକି କୌନ ବନେଗା କରୋଡପତି ମଞ୍ଚ ତରଫରୁ ମଧ୍ୟ ସମ୍ମାନିତ କରାଯାଇଛି। ସଡ଼କ ଦୁର୍ଘଟଣାରୁ ଲୋକଙ୍କ ଅମୂଲ୍ୟ ଜୀବନ ବଞ୍ଚାଇବା ହେଉ କି ପିଲାଙ୍କ ଶିକ୍ଷା କ୍ଷେତ୍ରରେ ରାଘବେନ୍ଦ୍ରର ଏଭଳି ଉଲ୍ଲେଖନୀୟ ଅବଦାନକୁ ଯେତେ ପ୍ରଶଂସା କଲେ ବି କମ୍ ହେବ।

କେବଳ ଏମାନେ ନୁହଁନ୍ତି, ଏମାନଙ୍କ ପରି ଆହୁରି ଅନେକ ବଦାନ୍ୟ ବ୍ୟକ୍ତି ଏ ସମାଜରେ ଅଛନ୍ତି ଯେଉଁମାନେ ଲୋକଙ୍କ ମନରେ ସଡ଼କ ଦୁର୍ଘଟଣା ହେଉ କି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣା ସମ୍ପର୍କରେ ସଚେତନତା ସୃଷ୍ଟି କରାଇବାକୁ ନିଜସ୍ୱ ଉଦ୍ୟମରେ ଏମିତି କିଛି କାମ କରିଯାଉଛନ୍ତି ; ଯାହା ଏ ସମାଜ ପାଇଁ ଗୋଟେ ଗୋଟେ ଉଦାହରଣ।

–ଅସ୍ମିତା ମିଶ୍ର



ରାଘବେନ୍ଦ୍ର କୁମାର

# କାଇଟ୍ ଫେଷ୍ଟିଭାଲ

**ମକର ସଂକ୍ରାନ୍ତି ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥାଏ କାଇଟ୍ ଫେଷ୍ଟିଭାଲ ବା ଗୁଡ଼ି ଉଡ଼ା ମହୋତ୍ସବ। ଆକାଶ ରଙ୍ଗ ବେରଙ୍ଗ ଗୁଡ଼ିରେ ଭରିଯାଏ । ଲାଗେ ସତେ ଯେମିତି ଆକାଶ କାନ୍‌ଭାସ୍ ଓ ଗୁଡ଼ିସବୁ ସୁନ୍ଦର ସୁନ୍ଦର ଚିତ୍ର । ଏହି ଦୃଶ୍ୟ ସାରା ଦେଶବାସୀଙ୍କ ମନରେ ଭରିଦିଏ ଅଜବ ପୁଲକ। ବିଦେଶୀମାନେ ବି ଆକୃଷ୍ଟ ହୋଇ ଚାଲି ଆସନ୍ତି ଏହାର ମଜା ଉଠାଇବା ପାଇଁ । ଏହିସବୁ କାଇଟ୍ ଫେଷ୍ଟିଭାଲ ସମ୍ପର୍କରେ...**

**ଗୁଜରାଟ କାଇଟ୍ ଫେଷ୍ଟିଭାଲ:** ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ଗୁଜରାଟରେ ଆୟୋଜିତ ହୁଏ ଅନ୍ତର୍ଜାତୀୟ କାଇଟ୍ ଫେଷ୍ଟିଭାଲ, ଯାହା ଉତ୍ତରାୟଣ ଫେଷ୍ଟିଭାଲ ଭାବେ ବି ପରିଚିତ। ଦେଶର ବିଭିନ୍ନ ସ୍ଥାନ ସହ ବିଦେଶରୁ ବି ଅନେକ ପର୍ଯ୍ୟଟକ ଆସନ୍ତି ଏହି ରଙ୍ଗିନ ଉତ୍ସବର ମଜା ଉଠାଇବାକୁ। ୧୯୮୯ରୁ ଅହମଦାବାଦରେ ଏହି କାଇଟ୍ ଫେଷ୍ଟଭାଲ ହୋଇ ଆସୁଛି। ଏଠାରେ ସାରା ପୃଥିବୀର ମାଷ୍ଟର ଗୁଡ଼ି ନିର୍ମାତା ଓ ଗୁଡ଼ି ଉଡାଇବାରେ ଦକ୍ଷ ଲୋକ ଯୋଗ ଦେଇ ନିଜ କଳାର ପ୍ରଦର୍ଶନ କରିଥାନ୍ତି। ବହୁତ ନିଆରା ଓ ଅଜବ ଗୁଡ଼ି ଦେଖିବାକୁ ମିଳେ ଏହି ଉତ୍ସବରେ। ଆକାଶ ଖୁବ୍ ସୁନ୍ଦର, ରଙ୍ଗ ବେରଙ୍ଗର ଓ ଅଜବ ଗୁଡ଼ିରେ ଭରିଯାଏ। ଗୁଜରାଟର ଏହା ଏକ ବଡ଼ ଉତ୍ସବ।

**ଜୟପୁର କାଇଟ୍ ଫେଷ୍ଟିଭାଲ:** ପିଙ୍କ୍ ସିଟି ଜୟପୁରରେ ଗୁଡ଼ିଉଡ଼ା ମହୋତ୍ସବ ବେଶ୍ ଲୋକପ୍ରିୟ। ୧୪ ଜାନୁଆରୀ ମକର ସଂକ୍ରାନ୍ତି ଅବସରରେ ଏହାକୁ ପାଳନ କରାଯାଇଥାଏ। ଏହିଦିନଟି ଖାସ୍ ଗୁଡ଼ି ଉଡ଼ାଇବା ପାଇଁ ଉଦ୍ଦିଷ୍ଟ। ଛୋଟରୁ ବଡ଼ ସବୁ ବୟସର, ସବୁ ବର୍ଗର ଲୋକ ଏହି ଉତ୍ସବକୁ ବହୁତ ଉପଭୋଗ କରନ୍ତି। ଏହିଦିନ ଜୟପୁରର ଆକାଶ ରଙ୍ଗିନ ଗୁଡ଼ିରେ ଭରିଯାଏ। ଦିନସାରା ଲୋକେ ଗୁଡ଼ି ଉଡ଼ାଇବାର ମଜା ଉଠାନ୍ତି। କାହାର ଗୁଡ଼ି କେତେ ଉପରକୁ ଉଡ଼ିବ, କିଏ କାହାର ଗୁଡ଼ିକୁ କାଟିବ ତାକୁ ନେଇ ଚାଲେ ପ୍ରତିଯୋଗିତା। ପ୍ରତିଭାବାନ୍ ଗୁଡ଼ି ଉଡ଼ାଳି ନିଜର ପ୍ରତିଭାର ପ୍ରଦର୍ଶନ କରିଥାନ୍ତି। କିଛି ସ୍ୱତନ୍ତ୍ର ଗୁଡ଼ି ମଧ୍ୟ ଏହି ଅବସରରେ ତିଆରି ହୋଇଥାଏ। କିଛି ଗୁଡ଼ି ୧.୫ କି.ମି. ଲମ୍ବା ହୋଇଥାଏ। ବିଭିନ୍ନ ସାମାଜିକ ବାର୍ତ୍ତା, କାର୍ଟୁନ ଗୁଡ଼ି ବି ତିଆରି ହୋଇଥାଏ। ରାଜସ୍ଥାନ ସରକାର ଏହି ଉତ୍ସବକୁ ଆୟୋଜନ କରିଥାନ୍ତି।

**ଯୋଧପୁର କାଇଟ୍ ଫେଷ୍ଟିଭାଲ:** ରାଜସ୍ଥାନ, ଯୋଧପୁରର ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବ ସାରା ଭାରତ ଓ ଭାରତ ବାହାରର ଶ୍ରେଷ୍ଠ ଗୁଡ଼ି ଉଡ଼ାଳିଙ୍କୁ ଆକୃଷ୍ଟ କରିଥାଏ। ଏହି ମହୋତ୍ସବ ଯୋଧପୁରର ପୋଲୋ ଗ୍ରାଉଣ୍ଡରେ ଆୟୋଜିତ ହୋଇଥାଏ। ମକର ସଂକ୍ରାନ୍ତିରୁ ତିନିଦିନ ଯାଏ ଏହି ଉତ୍ସବ ପାଳନ ହୋଇଥାଏ। ଜୟପୁର କାଇଟ୍ ଫେଷ୍ଟିଭାଲ ଭଳି ଏହି କାଇଟ୍ ଫେଷ୍ଟିଭାଲ ବହୁତ ଲୋକପ୍ରିୟ।

**ଉଦୟପୁର କାଇଟ୍ ଫେଷ୍ଟିଭାଲ:** ମକର ସଂକ୍ରାନ୍ତି ଓ ଗୁଡ଼ି ମହୋତ୍ସବ ଉଦୟପୁରର ବହୁ ପ୍ରତୀକ୍ଷିତ ମହୋତ୍ସବ। ପ୍ରତିବର୍ଷ ଜାନୁଆରୀ ମାସରେ ଲେକ୍ ସିଟି ଉଦୟପୁର ଉତ୍ସବମୁଖର ହୁଏ ଗୁଡ଼ି ମହୋତ୍ସବକୁ ନେଇ। ରଙ୍ଗିନ ଓ ସୁନ୍ଦର ସୁନ୍ଦର ଗୁଡ଼ିରେ ଆକାଶ ଦେଖାଯାଏ ବେଶ୍ ମନଲୋଭା। ଉଦୟପୁରର ଏହି ଗୁଡ଼ି ମହୋତ୍ସବ ସ୍ଥାନୀୟ ଅଧିବାସୀ ଓ ପର୍ଯ୍ୟଟକଙ୍କୁ ଦେଇଥାଏ ଏକ ଅଭୁଲା ଅନୁଭୂତି। ଘରର ଛାତ, ଖୋଲା ପଡ଼ିଆ ସହ ଗୁଡ଼ି ଉଡା ମହୋତ୍ସବ ପାଇଁ ଚୟନ ହୋଇଥିବା ସ୍ଥାନରେ ଚାଲେ ଗୁଡ଼ି ଉଡାଇବା ପ୍ରତିଯୋଗିତା। ଆକାଶ ବିଭିନ୍ନ ରଙ୍ଗ ଓ ବିଭିନ୍ନ ଆକାରର ଗୁଡ଼ିରେ ଭରିଯାଏ।

**ଦିଲ୍ଲୀ କାଇଟ୍ ଫେଷ୍ଟିଭାଲ:** ଦିଲ୍ଲୀର ପ୍ରବଳ ଥଣ୍ଡାରେ ବଂସରେରା ପାର୍କରେ ଆୟୋଜିତ ହୁଏ ଗୁଡି ଉଡାଇବା ମହୋତ୍ସବ। ତିନିଦିନିଆ ଏହି ମହୋତ୍ସବ ଦିଲ୍ଲୀର ଆକାଶକୁ ରଙ୍ଗିନ ଓ ସୁନ୍ଦର କରିଥାଏ। ଏହି ମହୋତ୍ସବରେ ଛୋଟରୁ ବଡ଼ ସମସ୍ତେ ସାମିଲ ହୁଅନ୍ତି। ଏଥିରେ ଅଭିଜ୍ଞ ଉଡାଳି ଭାଗ ନେଇ ସିଙ୍କ୍ରୋନାଇଜ୍‌ଡ ଓ ଆର୍ଟିଷ୍ଟିକ ଗୁଡ଼ି ଉଡାଇବା ଶୈଳୀର ପ୍ରଦର୍ଶନ କରନ୍ତି। ତା'ସହ ଲୋକ ସଙ୍ଗୀତର ଆୟୋଜନ କରାଯାଏ। ଚଳିତ ବର୍ଷ ମଧ୍ୟ ଦିଲ୍ଲୀ ଡେଭଲପମେଣ୍ଟ ଅଥରିଟି ଜାନୁଆରୀ ୧୬-୧୮ ତାରିଖ ପର୍ଯ୍ୟନ୍ତ କାଇଟ୍ ଫେଷ୍ଟିଭାଲ ଆୟୋଜନ କରୁଛନ୍ତି। ତେବେ କେବଳ ମକର ସଂକ୍ରାନ୍ତି ନୁହେଁ ଅଗଷ୍ଟ ୧୫ ତାରିଖରେ ବି ଦିଲ୍ଲୀରେ ଗୁଡ଼ି ଉଡାଇବା ମହୋତ୍ସବ ଆୟୋଜନ ହୋଇଥାଏ।

**ଓଡ଼ିଶା କାଇଟ୍ ଫେଷ୍ଟିଭାଲ:** ମକର ସଂକ୍ରାନ୍ତି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଗୁଡ଼ିଉଡା ମହୋତ୍ସବ ପାଳନ କରାଯାଇଥାଏ। ଖାସ୍‌କରି କଟକରେ ଆୟୋଜନ କରାଯାଉଥିବା ଗୁଡ଼ି ମହୋତ୍ସବ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ନୀଳ ଆକାଶ ରଙ୍ଗ ବେରଙ୍ଗର ଓ ନାନା ପ୍ରକାର ଗୁଡିରେ ଭରିଯାଏ। ଲାଗେ ସତେ ଯେମିତି ଆକାଶ କାନ୍‌ଭାସ୍ ପାଲଟିଛି ଓ ଗୁଡ଼ିଗୁଡ଼ିକ ସେଇ କାନ୍‌ଭାସ୍ ଉପରେ ଅଙ୍କିତ ରଙ୍ଗିନ ଚିତ୍ର ସବୁ। ଗୁଡ଼ି ଉଡାଇବା ପ୍ରତିଯୋଗିତା ବି ହୁଏ। କଟକ ବାଦ୍ ପୁରୀ ଓ ଭୁବନେଶ୍ୱରରେ ବି ଗୁଡ଼ି ଉଡ଼ାଇବା ମହୋତ୍ସବ ପାଳନ କରାଯାଇଥାଏ। ମକର ସଂକ୍ରାନ୍ତିରେ ଓଡ଼ିଶାରେ ଗୁଡ଼ି ଉଡାଇବା ସହ ଘରେ ଘରେ ସୁସ୍ୱାଦୁ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ।

**ହାଇଦ୍ରାବାଦ ଅନ୍ତର୍ଜାତୀୟ କାଇଟ୍ ଫେଷ୍ଟିଭାଲ:** ହାଇଦ୍ରାବାଦରେ ବି ମକର ସଂକ୍ରାନ୍ତି ଅବସରରେ କାଇଟ୍ ଫେଷ୍ଟିଭାଲ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଚଳିତ ବର୍ଷ ଜାନୁଆରୀ ୧୩-୧୫ ତାରିଖ ଯାଏ ଆୟୋଜନ ହେବ ଅନ୍ତର୍ଜାତୀୟ କାଇଟ୍ ଫେଷ୍ଟିଭାଲ। ହାଇଦ୍ରାବାଦ ଆକାଶରେ ୩୫ ଫୁଟ୍‌ର ହନୁମାନଙ୍କ ଗୁଡ଼ି ଉଡିବ। ଭାଗ ନେବେ ୯୫ ଜଣ ପେସାଦାର ଗୁଡ଼ି ଉଡାଳି। ଯାହା ମଧ୍ୟରେ ୧୯ ଜଣ ବାହାର ଦେଶର ପ୍ରତିଯୋଗୀ ସାମିଲ ହେଉଛନ୍ତି।









# ଶ୍ରୋତାଙ୍କ ଆଦର ନ ଥିଲେ ସଙ୍ଗୀତ ମୂଲ୍ୟହୀନ



**ମୋ ଭାଷାରେ ସଙ୍ଗୀତ କହିଲେ ଏହା ଏମିତି ଏକ ଭାବ ଯାହା ଦର୍ଶକ, ଶ୍ରୋତା ଏବଂ ଗାୟକଙ୍କ ମଧ୍ୟରେ ପରିପୂରକ ହୋଇପାରୁଥିବା ସଙ୍ଗୀତରେ ମୁଖ୍ୟ ହେଲା କଣ୍ଠ, ତାହା ଶ୍ରୋତାଙ୍କ ଆଦର ନ ମିଳିଲେ ସେ ସଙ୍ଗୀତ ମୂଲ୍ୟହୀନ ଲାଗେ...**

ପିଲାଟି ଦିନରୁ ତାଙ୍କର ସଙ୍ଗୀତ ପ୍ରତି ଥିଲା ପ୍ରବଳ ଆଗ୍ରହ। ଘରେ ତାଙ୍କ ମା'ଙ୍କଠାରୁ ସଙ୍ଗୀତର ଆଦ୍ୟ ଓଁକାର ଧ୍ୱନି ଶିଖିଥିଲେ। ପରବର୍ତ୍ତୀ ସମୟରେ ସଙ୍ଗୀତର ବହୁବିଧ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେଲା। ତାଙ୍କ କଣ୍ଠରେ ଶୁଭିଲା– 'ଦୁର୍ଗମଗିରି ଦୁର୍ଗପ୍ରାଚୀର...', 'ଏଇ ଦେଶ ଏଇ ମାଟି..', 'ତୁ ପରା ବୋଲାଉ ଉତ୍କଳ ସନ୍ତାନ..', 'ପୁଣି ମିଶୁ ମୋର ଦେହ ଏଦେଶ ମାଟିରେ...' ,'ବନ୍ଦେ ଉତ୍କଳ ଜନନୀ...' ଆଦି ଅନେକ ଦେଶାତ୍ମବୋଧ ସଙ୍ଗୀତ। ତାଙ୍କ କଣ୍ଠରେ ସମ୍ବଲପୁରୀ, ଓଡ଼ିଶୀ, ସୁଗମ ସଙ୍ଗୀତ, ଭଜନ, ଆଦି ବାରି ହୋଇପଡ଼େ। ତାଙ୍କର ବହୁମୁଖୀ ପ୍ରତିଭାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର। ୧୯୮୪ରେ ୫ହଜାରରୁ ଊର୍ଦ୍ଧ୍ୱ ଶିଶୁକଳାକାରଙ୍କୁ ନେଇ ଓଡ଼ିଶାରେ ପ୍ରଥମଥର ପାଇଁ ସେ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ। ପ୍ରାୟ୧୬ଟି ଭାରତୀୟ ଭାଷାରେ ସାମୂହିକ ଗାନ କ୍ଷେତ୍ରରେ ଲକ୍ଷାଧିକ ଛାତ୍ରୀଛାତ୍ର ଓ ୨ହଜାରରୁ ଅଧିକ ସଙ୍ଗୀତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦେଇଛନ୍ତି। ସେ ହେଲେ ସୁନାମଧନ୍ୟ କଣ୍ଠଶିଳ୍ପୀ **ଲକ୍ଷ୍ମୀକାନ୍ତ ପାଳିତ**। ଜନ୍ମ ୭ ନଭେମ୍ବର ୧୯୫୪ମସିହାରେ। ମା' ସୁଷମା ପାଳିତ, ପିତା ବିଜନ ବିହାରୀ ପାଳିତ। ଘର କଟକ ପାଳିତ ପଡ଼ାରେ। ଏବେ ସେ ଭୁବନେଶ୍ୱର ବୁଦ୍ଧେଶ୍ୱରୀ କଲୋନୀରେ ରହୁଛନ୍ତି। ସେ କୁହନ୍ତି, 'ଆମର ଏକ ମଧ୍ୟବିତ୍ତ ପରିବାର, ବାପା ପିଡବ୍ଲୁଡିରେ ଚାକିରି କରିଥିଲେ, ସେଥିପାଇଁ ସମ୍ବଲପୁର ଜିଲାର ଚିପିଲିମାଠାରେ ରହୁଥିବାବେଳେ ସେଠାରେ ମୋର ଜନ୍ମ ହୋଇଥିଲା। ଆମେ ଦୁଇଭାଇ। ମୋ ବଡ଼ଭାଇ ରାମଚନ୍ଦ୍ର ପାଳିତ। ସଙ୍ଗୀତରେ ମୋ ମା' ମୋର ଆଦ୍ୟଗୁରୁ। ସେ ସୁନ୍ଦର ଗାୟିକା ଥିଲେ। ଶ୍ୟାମା ସଙ୍ଗୀତ, ରବୀନ୍ଦ୍ର ସଙ୍ଗୀତ, ଓଡ଼ିଆ ଭଜନ ଆଦି ଗାଉଥିଲେ। ମୋର ଏକାଦଶ ପଢ଼ାବେଳକୁ ତାଙ୍କଠାରୁ ହାରମୋନିୟମ ଶିଖିଲି। ପିଲାଦିନ ଆନନ୍ଦରେ କଟିଥିଲା। ଯେଉଁଠି ଗୀତ ବୋଲା ହେଉଥିଲା ବସି ଶୁଣୁଥିଲି। ଏମିତିରେ ମୋର ଗୀତ ଗାଇବା ଅଭ୍ୟାସ ଚାଲୁରହିଲା। ହେଲେ ମୋ ଜୀବନରେ କୌଣସି ପ୍ରତିଯୋଗିତାରେ ଯୋଗ ଦେଇନି ବରଂ ମୋତେ ଗୀତଟିଏ ଗାଇବାକୁ ଅତିଥି ଭାବେ ସ୍ଥାନ ମିଳିଛି। ମୋର ପାଠପଢ଼ା ଭୁବନେଶ୍ୱର ୬ନଂ ୟୁପି ଏବଂ ହାଇସ୍କୁଲ। ପରେ ବିଜେବି କଲେଜରେ ପଢ଼ାସାରିଲି। ସଙ୍ଗୀତ ମହାବିଦ୍ୟାଳୟ ଏବଂ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ସ୍ନାତକୋତ୍ତର ଉପାଧି ଲାଭକରିଛି। ଯେତେବେଳେ ମୁଁ ୯ମରେ ପଢୁଥାଏ ନନ୍ଦ ସାର୍, ଦୁଃଖବନ୍ଧୁ ସାର୍, ପୁରୁଷୋତ୍ତମ ସାର୍ ଏକ କାର୍ଯ୍ୟକ୍ରମ ପାଇଁ ମୁଁ ଲେଖିଥିବା– 'ଜନନୀର ଆହ୍ୱାନ ବାଜେ କାନରେ..' ପିଲାମାନେ ଗାଇ ବହୁ ପ୍ରଶଂସା ପାଇଥିଲେ। ଏହା ମୋତେ ବହୁତ ପ୍ରେରଣା ଦେଇଥିଲା। ଧୀରେ ଧୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଗୀତ ଗାଇଲି। ପ୍ରଥମେ ରେକର୍ଡ, କ୍ୟାସେଟ୍ ଓ ସିଡି ଆଦିରେ କେତେକ ଘରୋଇ କମ୍ପାନୀ ଦ୍ୱାରା ଗୀତ ପ୍ରଚାର ପ୍ରସାର କରାଗଲା। ମୁଁ ଅନେକ ଗୀତରେ କଣ୍ଠ ଦାନକଲି। ସମୟ କ୍ରମେ ସଙ୍ଗୀତରେ କଣ୍ଠଦାନ ଓ ନିର୍ଦ୍ଦେଶନା ନିଶାରୁ ପେସା ହୋଇଗଲା। କିନ୍ତୁ ଭଜନ ଭାବେ ମୁଁ ଗାଇଥିବା ଲୋକପ୍ରିୟ ଗୀତ 'ଯମୁନା କୂଳେ', 'ଶ୍ରୀକ୍ଷେତ୍ର ଦଇତାପତି', 'ଏପଟେ ନୀଳ ସାଗର ସେପଟେ ସିଂହ ଦ୍ୱାର', 'କଳାଶଙ୍ଖ ବାଜୁଛି ଲୋ' ଇତ୍ୟାଦି। ସେହିପରି ଯାତ୍ରାରେ ଜିଅନ୍ତା ଶବ ଠାରୁ ଶାଗୁଣା ବସିଛି ଡେଣା ମେଲାଇ, କଥା ରହିଗଲା ମଗୁଣିରକୁ, ଫୁଲ ଆଣିଥିଲି ଫୁଲବାଣୀରୁ, ଚନ୍ଦନ ଟୋପାକୁ ନାଲି ଅଳତା ଆଦି ଅପେରା ବହିରେ ଗୀତ ପାଇଁ କଣ୍ଠଦାନ ଏବଂ ନିର୍ଦ୍ଦେଶନା ଦେଇଛି। ସିନେମା ଭାବେ ପରଝିଅ ଘର ଭାଙ୍ଗେନା, ଜୀବନଧାରା, ବାଦ୍‌ଶାହ, କାହ୍ନା ଆଦିରେ ସଙ୍ଗୀତ ପାଇଁ କଣ୍ଠ ଦାନ କରିଥିବା ବେଳେ ଗାରେ ସିନ୍ଦୁର ଧାରେ ଲୁହ ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲି। କିନ୍ତୁ ସିନେମାରେ ଯେଉଁମାନେ ନେଲେ ତାଙ୍କ ସ୍ୱରକୁ ଦେଲେ। ସେଥିପାଇଁ ତାହା ଛାଡ଼ିଦେଲି। ମୁଁ ଚାହେଁ ପୁରାତନ କବି ଓ ମହାପୁରୁଷମାନଙ୍କ ଲିଖିତ ଗୀତ, ଭଜନ ଏବଂ ଦେଶାତ୍ମବୋଧ ସଙ୍ଗୀତକୁ ଲୋକଙ୍କ ପାଖରେ ପହଞ୍ଚାଇବା। ପୂର୍ବପୁରୁଷମାନଙ୍କ କୃତିକୁ ଆଗାମୀ ପିଢି ଜାଣିବାର ଆବଶ୍ୟକତା ରହିଛି। ଦେଶପ୍ରେମ ଭାବ ଉଦ୍ଦେଶ୍ୟରେ ନିରଞ୍ଜନ ରାଉତଙ୍କ ଲେଖା 'ଏଇ ଦେଶ ଏଇ ମାଟି ମମତାମୟୀ ମା'ଟି ଗୀତରେ ଲୋକପ୍ରିୟତା ହାସଲ କରିପାରିଛି। ଏମିତିରେ ଆଜକୁ ୩୫ବର୍ଷ ତଳେ ଗାଇଥିବା ତୁ ପରା ବୋଲାଉ ଉତ୍କଳ ସନ୍ତାନ, ମିଶୁମୋର ଦେହ ଏଦେଶ ମାଟିରେ, ଉଠ କଙ୍କାଳ ...ଆଜି ବି ସମସ୍ତଙ୍କ ହୃଦୟ ଛୁଇଁ ଥାଏ। ଏହା ବ୍ୟତୀତ ମେରା ଭାରତ ମହାନ୍ କାର୍ଯ୍ୟକ୍ରମ କରିଛି । ପୁଣି ଏଇ ଆମରି ଗାଁ ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମରେ ଏକାଧିକ ଶିଳ୍ପୀ ସୁନ୍ଦର ଭାବେ ଗାଁର ଚିତ୍ରକୁ ସଙ୍ଗୀତରେ ଶୁଣାଇ ଥାନ୍ତି। ସଙ୍ଗୀତର ବିଭିନ୍ନ ଗତି ରହିଛି। ବହୁ ବିଶିଷ୍ଟ କଣ୍ଠଶିଳ୍ପୀ ଗୁରୁଜନମାନଙ୍କ ସହିତ ଗୀତ ଗାଇବାରେ ଶିକ୍ଷା ମିଳିଛି। ମୋ ଭାଷାରେ ସଙ୍ଗୀତ କହିଲେ ଏହା ଏମିତି ଏକ ଭାବ ଯାହା ଦର୍ଶକ, ଶ୍ରୋତା ଏବଂ ଗାୟକଙ୍କ ମଧ୍ୟରେ ପରିପୂରକ ହୋଇପାରୁଥିବ। ସଙ୍ଗୀତରେ ମୁଖ୍ୟ ହେଲା କଣ୍ଠ, ତାହା ଶ୍ରୋତାଙ୍କ ଆଦର ନ ମିଳିଲେ ସେ ସଙ୍ଗୀତ ମୂଲ୍ୟହୀନ ଲାଗେ। ମୋ ଜୀବନରେ ଅନେକ ଅଙ୍କାବଙ୍କା ପଥଦେଇ ଗତି କରିଛି। ବେଳେ ବେଳେ ନିଶ୍ଚିତ ଥିବ କାର୍ଯ୍ୟକ୍ରମ ବି ଅନିଶ୍ଚିତ ହୋଇଥାଏ। ଏଥିପାଇଁ କାହାରିକୁ ଦୋଷ ଦିଏନି। ସେଥିରୁ ଶିକ୍ଷା ପାଇଥାଏ। ଚାକିରି ଜୀବନରେ ପ୍ରଥମେ ଜଣେ ଷ୍ଟେନୋ ଥିଲି। ପରେ ଏକାଧିକ ସ୍କୁଲରେ ଯାଇ ମ୍ୟୁଜିକ ଶିକ୍ଷକଭାବେ ପିଲାଙ୍କୁ ସଙ୍ଗୀତ ଶିକ୍ଷା ଦେଲି। କିଛି କରିବାକୁ ଜିଜ୍ଞାସା ରଖିଲେ ତାହା ଯେ ସବୁ ପୂରଣ ହେବ ସେମିତି କିଛି ମାନେ ନ ଥାଏ। ସଙ୍ଗୀତକୁ ନେଇ ମୋ ପରିବାର ଚାଲେ। ଦୁଇ ପୁଅ ରଣଦୀପ ଓ ବନ୍ଦୀପ୍ ଗୀତ ଗାଉଛନ୍ତି, ମୋ ଧର୍ମପତ୍ନୀ ବିଦ୍ୟୁତ୍ ପ୍ରଭା ତାଙ୍କୁ ଗୀତ ଶିଖାଉଛି। ସେ ପଣ୍ଡିତ ଦାମୋଦର ହୋତାଙ୍କ ଠାରୁ ୧୫ବର୍ଷ ଧରି ଶସ୍ତ୍ରୀୟ ସଂଗୀତ ଶିକ୍ଷାଲାଭ କରିଛନ୍ତି। ସଙ୍ଗୀତରେ ମାନସିକ ଶାନ୍ତି ମିଳୁଛି। ପ୍ରକୃତରେ କହିଲେ, ମୁଁ ନୁହେଁ ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଏସବୁର ଯାଦୁକରୀ । ସବୁ ତାଙ୍କରି କୃପା। ଆଶା ରଖିଛି ଯଦି ସରକାରୀ ସହଯୋଗ ମିଳେ ଗୋଟିଏ ସ୍ଥାନରେ ପ୍ରାୟ ୧ଲକ୍ଷ ଛାତ୍ରୀଛାତ୍ରଙ୍କ କଣ୍ଠରେ ଦେଶାତ୍ମବୋଧକ ସଙ୍ଗୀତ ଏକ ସ୍ୱରରେ ଗାନ କରାଯାଇ ପାରନ୍ତା।'






ତାଙ୍କ ସଙ୍ଗୀତ କୃତି ପାଇଁ ତାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ, କାନ୍ତକବି ଲକ୍ଷ୍ମୀକାନ୍ତ ସମ୍ମାନ, କବିଚରଣ ସଙ୍ଗୀତ ଗୁରୁ ସମ୍ମାନ, ଭିକାରୀ ବଳ ସ୍ମୃତି ସମ୍ମାନ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ପ୍ରାଣନାଥ ସଙ୍ଗୀତ ସମ୍ମାନ, ସଙ୍ଗୀତ ସୁରନିଧି, ଗୁରୁ ଦୁଃଖୀଶ୍ୟାମ ସମ୍ମାନ ମିଳିଛି। ଏତିକି କହିବି ଖାଲି ଗୀତ ଗାଇଲେ ହେବନି ତାହାକୁ ଲୋକେ ପସନ୍ଦ କରିବା ଦରକାର। ଶ୍ରୋତାଙ୍କଠାରୁ ଆଶୀର୍ବାଦ ମିଳିବା ଦରକାର।



**–ବନବିହାରୀ ବେହେରା**



# ପାଚେରି

**–ଶ୍ରୀଗୋବିନ୍ଦ**

ପଡ଼ୋଶୀ ଘର ଭାଉଜଙ୍କ ସହ ଆଖି ମିଶାମିଶି, ପ୍ରେମ ଓ ପରେ ଫୋନ ନମ୍ବର ଦେବାନେବା ବି ହୋଇଯାଇଥିଲା । ଏଥିପାଇଁ କେବଳ ଗୋଟେ ଝର୍କା ହିଁ ଦାୟୀ ଥିଲା । ପଡ଼ୋଶୀ ଭାଉଜଙ୍କ କିଚେନ ଝର୍କାକୁ ମୁଁ ନୂଆକରି ଭଡ଼ା ନେଇଥିବା ଘରର ଝର୍କା ସିଧା ଥିଲା । ଯେଉଁଠି ମୁଁ ଟେବୁଲ ପକାଇ ବସି ପଢ଼େ, ସେହି ସିଧାରେ ଭାଉଜଙ୍କ କିଚେନ୍‌ର ଝର୍କା ! ଭାଉଜଙ୍କ ସହ ଦେଖାଚାହାଁ ହୁଏ ସେ ରୋଷେଇ କଲାବେଳେ । କିଛିଦିନ ପରେ ସେହି ଝର୍କା ହିଁ ଅନ୍ତରଙ୍ଗତା ବଢ଼ାଇ ଦେଇଥିଲା ।

ଦିନେ ହଠାତ୍ ପାଚେରି ଉଠିଲା । ବ୍ୟାଚଲରମାନେ ରହିଲେଣି ବୋଲି କହି ତାଙ୍କ ସ୍ୱାମୀ ପାଚେରି ଉଚ୍ଚା କରିଦେଲେ । ମୁହାଁମୁହିଁ ଦେଖାଚାହାଁ ହେଉଥିବାରୁ ଫୋନରେ କଥାବାର୍ତ୍ତା ହେବାକୁ ଉଚିତ ମଣୁ ନ ଥିଲି । ପାଚେରି ଉଠିଗଲା ପରେ ଅବଶ୍ୟ ଭଲ ଲାଭ ହେଲା । ଅନେକ ସମୟ ଫୋନରେ କଥା ହେବାର ସୁଯୋଗ ମିଳିଲା । ତାଙ୍କ ସ୍ୱାମୀ ଅଫିସ ଗଲା ପରେ ଭିଡିଓ କଲ୍‌ରେ ବି କଥାବାର୍ତ୍ତା ଚାଲିଲା । ସମ୍ପର୍କ ଆହୁରି ଘନିଷ୍ଠରୁ ଘନିଷ୍ଠତା ଆଡ଼କୁ ଗତି କଲା । ଦିନେ ପଡ଼ୋଶୀ ଭାଉଜ କହିଲେ– ଭଲ ହେଲା ପାଚେରି ଦିଆ ହୋଇଗଲା, ନ ହେଲେ ଆମ ପ୍ରେମର ସୁରକ୍ଷା ପାଚେରି କ’ଣ ଆମେ ନିର୍ମାଣ କରିପାରିଥାନ୍ତେ । ବରଂ ମୋ ସ୍ୱାମୀ ଅଯଥାରେ ସନ୍ଦେହ କରିଥାନ୍ତେ, ଝଗଡ଼ା ବଢ଼ିଥାନ୍ତା । ମୁଁ ଯଦି କହିଥାନ୍ତି–ପିଲାଗୁଡ଼ାକ ବହୁତ ଭଲ...ସେମିତି କାହିଁକି ଭାବୁଛ, ସେ ମୋ ଚରିତ୍ର ସଂହାର କରିଥାନ୍ତେ କି ଏଣୁତେଣୁ କହିଥାନ୍ତେ । କିମ୍ବା ଘନିଷ୍ଠତା କୁଆଡ଼େ ବଢିଯାଇଛି ଭାବି, ମୋ ଫୋନ ବାରମ୍ବାର ଚେକ୍ କରୁଥାନ୍ତେ । ଏମିତିରେ ତ ମୁଁ ମୋ ସ୍ୱାମୀଙ୍କର ଅତି ବିଶ୍ୱସ୍ତ ହୋଇ ରହିଛି । ତାହିଁଲେ କେଉଁଠି ନା କେଉଁଠି ଦେଖାକରି ପାରିବି । ଦିନବେଳା ପୁଅକୁ ସ୍କୁଲ ଛାଡ଼ିଲା ପରେ...ତୁମକୁ ଦେଖାକରିବା ପାଇଁ ସେମିତି କିଛି ପ୍ରତିବନ୍ଧକ ନାହିଁ । ଏମିତିରେ ବି ମୁଁ ମୋ ବାପଘରକୁ ଗଲେ, ତମର ଆସିବାର ବି କିଛି ଅସୁବିଧା ନାହିଁ । ସିଏ ଯେତେ ପାଚେରି ବୁଲେଇବେ ବୁଲାନ୍ତୁ, ଆମେ ତ ଆମ ପାଇଁ ପ୍ରେମର ସୁରକ୍ଷା ଦେବାକୁ ପାଚେରି ବୁଲାଇ ସାରିଲେଣି ।

*–ସାନମଛୁଆ ଘାଇ, ରାଜଘରପୋଖରୀ*
*ଭଦ୍ରକ, ମୋ:୭୦୦୮୯୧୩୫୮୯*



# ଦେଖ, ଉଡୁଛି ନେତ

**–ମାନିନୀ ମିଶ୍ର**

ଗୋଟିଏ ସ୍ତ୍ରୀ ଲୋକର
ଶାଢ଼ି ପରି ସାଢ଼େ ବାରହାତ ନେତ
ଅଥଚ ଘୋଡ଼େଇ ପାରୁନି କାଞ୍ଚୋଲି
ହଣାଖିଆ ଛାତିରୁ ରୁଧିର
ବାହାରୁଛି ରକତ, ଛଟକୁଛି ନଙ୍ଗେଲି
ରକତ ପାଣି କହି ଗାଳି ଦେଉଛି କିଏ
ଦୟା କି ଗେଲରେ ନା ମୁହଁଦେଖା କହିପାର କିଏ
କିଏ କହୁଛି
ଦୁଇକୂଳ ହିତା
ହଁ ମ ନଈ ପରିକା
ସେ ବହିଲା ବେଳକୁ
ଫେଏଲା ହୁଏ ଜଟା
ସେ ଥମିଲ ହେଉ ହେଉ
ଅମୁହାଁ ତନ୍ତ୍ର ପୀଠାଧିକାରୀଙ୍କ
ମୁଠା ମୁଠା ସିନ୍ଦୂର ଚାଉଳ ଝିଟା
ନେତ ଉଡେ , ଦେଶର
ନେତ ଉଡେ , ଦେଉଳର
ନେତ ଉଡେ , ମାନସ ମନ୍ଥନ ପରେ
ନେତ ଉଡେ , ନୀହ ଥାପିବା ବେଳେ
ନେତ ସହ ଏଥରକ ଆକାଶ ଉଡେ ,
ଖରାଟିଆ ଦି’ ପହର ଉଡେ, ବଉଳ ବଟି ହେଉ ହେଉ ଉଡେ
ହେଲେ , ନେତକୁ ପିନ୍ଧିଥିବା ସ୍ତ୍ରୀ ଲୋକ ଉଡି ପାରେନା
ନେତ ସହ !

*–ଭୁବନେଶ୍ୱର*
*ମୋ:୮୨୪୯୩୪୨୩୪୬*


# ମିଆଦି ଆଲୁଅ

**–ଭବାନୀ ପଟ୍ଟଯୋଷୀ**

ପ୍ରତିଟି ପାଦରେ ଲୋକ ଆସିଗଲେ
କାହାକୁ କାହାକୁ ଖୋଜିବି,
କାହାକୁ କାହାକୁ ମନେରଖିବି ବା
କାହାକୁ କାହାକୁ ଭୁଲିବି !
ଚାଲିବାର ଥିଲା ବୋଲି ଚାଲୁଛି ମୁଁ
ଠିକଣା ହଜେଇ ହଜେଇ,
ଠିକଣା ନ ଖୋଜି ଠିକଣା ମିଳିବ
ଭାବି ନଥିଲି ମୁଁ କେବେବି ।
ଯେତେବେଳେ ଯାହା କରିବାର ଥିଲା
ସେତେବେଳେ ତାହା କରିଛି,
ସାନ ବଡ଼ ଭଲ ମନ୍ଦ ବାଛି ନାହିଁ
ବାଛୁନାହିଁ କିଛି ଏବେବି ।
ସଙ୍ଗେ ଚାଲିବାକୁ କାହାକୁ ଡାକିନି
ମନା କରିନାହିଁ କାହାକୁ,
ନିଜ ମରଜିରେ କିଏ ଆସି ଗଲା
କାହା ନାଆଁ ଏବେ ଧରିବି !

ଯିଏବି ଆସିଛି ଶିଖେଇଚି ମୋତେ
ଜୀବନ ଜିଇବା କାଇଦା,
କାହାକାହା ଗୁଣ ଗାଇବି ଏବେ ମୁଁ
କାହା ଅବିଗୁଣ ଗଣିବି !
ଏତିକି ଜାଣିଛି ଜୀବନର ପାଠ
ପଢିବାଟା ବଡ଼ କଠିନ,
ଯିଏ ଆସି ଯାହା ପଢ଼େଇବ ତାକୁ
ଆଉଜଣେ ଗୁରୁ ମାନିବି ।
ସବୁ ଶିଖିଗଲି ବୋଲି ଅହଂକାର
ମୋତେ ଗ୍ରାସିଗଲେ
ଜାଣିବି,
ମିଆଦି ଆଲୁଅ ହୋଇ ଜଳୁଥିଲି
ମିଆଦ ନପୁରି ଲିଭିବି ।

*–ବ୍ରହ୍ମପୁର*
*ମୋ:୮୨୪୯୩୧୬୦୭୧*





ତ୍ରିପ୍ତି

# କେଇ ପଦ କଥା...

ତ୍ରିପ୍ତି ଡିମ୍‌ରି ଏବେ ଯୁଆଡେ ଗଲେ ଜଣଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ସେ କିଏ ଜାଣନ୍ତି ? ଦକ୍ଷିଣ ଭାରତୀୟ ସିନେମାର ଜଗତର ଅନ୍ୟତମ ପରିଚିତ ଅଭିନେତା ପ୍ରଭାସ। ହେଲେ ଏଭଳି ପ୍ରଶଂସା ପଛରେ ନିଶ୍ଚୟ କିଛି କାରଣ ଥିବ। ଅସଲ କଥା ହେଲା ଏହି ଯୋଡିଙ୍କୁ ଦର୍ଶକ ଖୁବ୍ ଶୀଘ୍ର ବଡ ପରଦାରେ ଦେଖିବାକୁ ପାଇବେ। ଆଉ ଏହି ନୂଆ ସିନେମାର ଟାଇଟଲ ରହିଛି 'ସ୍ପିରିଟ୍'। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି 'ଆନିମ୍ଲ୍' ଫେମ୍ ସନ୍ଦୀପ ରେଡ୍ଡି ଭାଙ୍ଗା। ଏଥିରେ ପ୍ରଭାସ ଏବଂ ତ୍ରିପ୍ତିଙ୍କ ବ୍ୟତୀତ ପ୍ରକାଶ ରାଜ ଏବଂ ବିବେକ ଓବରୟ ମଧ୍ୟ ଅଭିନୟ କରୁଛନ୍ତି। ହେଲେ ଏବେ ଶୁଟିଂ ସମୟରେ କିଛି ସ୍ମୃତିକୁ ରୋମନ୍ଥନ କରୁଛନ୍ତି ଏହି ଅଭିନେତ୍ରୀ। ଏ ନେଇ ସେ କହନ୍ତି, ''ଏହି ଫିଲ୍ମର ଶୁଟିଂ ସମୟରେ ପ୍ରଭାସ ଆକ୍ଟିଂକୁ ନେଇ ମୋତେ ଦେଇଥିବା କେତେକ ଟିପ୍ସକୁ ଭୁଲି ପାରିବି ନାହିଁ। ସତ କଥା କହିବାକୁ ଗଲେ ପ୍ରଭାସଙ୍କ ସହ ଆକ୍ଟିଂ କରିବାର ମଜା ନିଆରା। ଯଦି ଆଗକୁ ପୁଣି ଥରେ ତାଙ୍କ ସହ ଅଭିନୟ କରିବାର ସୁଯୋଗ ମିଳେ ତାହାକୁ ଆଦୌ ହାତଛଡା କରିବି ନାହିଁ।'' ସନ୍ଦୀପ ଏହି ଫିଲ୍ମର କାହାଣୀ ମଧ୍ୟ ରଚନା କରିଛନ୍ତି।



ଜ୍ୟୋତି

# କୁଣ୍ଡଳୀ

ଜନ୍ମ ହେବା ମାତ୍ରେ ସମସ୍ତେ 'କୁଣ୍ଡଳୀ' ସାଙ୍ଗରେ ନେଇ ଆସିଥାନ୍ତି। ତେବେ ସେଥିରେ କ'ଣ ଲେଖାଥାଏ ତାହା କେହି ଜାଣି ନ ଥାନ୍ତି। କିଛି ଘଟିବା ପରେ ଭାବନ୍ତି 'ଏଇଆ ବୋଧେ ମୋ ଭାଗ୍ୟ ବା କୁଣ୍ଡଳୀରେ ଲେଖାଥିଲା।' ସେଭଳି ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'କୁଣ୍ଡଳୀ'। ଏହାର କାହାଣୀରେ ରହସ୍ୟ ରୋମାଞ୍ଚ ବି ଭରିରହିଛି। ନିକଟରେ ଏହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି ନବାଗତା ବିଜୟଲକ୍ଷ୍ମୀ ନାୟକ। ନିର୍ଦ୍ଦେଶକ ସାଜିଛନ୍ତି ରୋହନଜିତ ଦାଶ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜ୍ଞାନ ବେହେରା। ଚିତ୍ରଟିର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ଶୁଭ୍ରାଂଶୁ ଶେଖର ମହାପାତ୍ର। କାହାଣୀ ସହ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ଥଣ୍ଡରପିକ୍ସେଲ ଫିଲ୍ମସ ଏବଂ ଆମରା ମ୍ୟୁଜିକର ମିଳିତ ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଉଛି। ଏହାର ମୁଖ୍ୟ ଭୂମିକାରେ ଜ୍ୟୋତି ନାୟକ ଅଭିନୟ କରିଥିବା ବେଳେ ନବାଗତ ମୃଣ୍ମୟ, ଅନନ୍ୟା ଦାଶ ଏବଂ ଜସ୍ମିନ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବେ। ନିର୍ଦ୍ଦେଶକ ରୋହନଜିତ କୁହନ୍ତି ''ଏହି ବିଗ୍ ବଜେଟ୍ ଫିଲ୍ମର ଶୁଟିଂ ସମୟରେ ସବୁ ଦିଗ ପ୍ରତି ଆବଶ୍ୟକ ମୁତାବକ ଧ୍ୟାନ ଦିଆଯିବ ଏବଂ ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । 'କୁଣ୍ଡଳୀ'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ଏବଂ ଚଳିତବର୍ଷ ରଜରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି।

# କାରଣ ଖୋଜୁଛନ୍ତି ରକୁଲ୍

ରକୁଲ୍ ପ୍ରୀତ ସିଂ ଏବେ କାରଣ ଖୋଜିବାରେ ବ୍ୟସ୍ତ। ହେଲେ କାହାର କାରଣ ଖୋଜୁଛନ୍ତି ଜାଣିବେନି ? କଥା କ'ଣ କି ଗତ ବର୍ଷ ନଭେମ୍ବରରେ ତାଙ୍କ ଅଭିନୀତ 'ଦେ ଦେ ପ୍ୟାର ଦେ ୨' ରିଲିଜ ହୋଇଥିଲା। ଏହାର ଷ୍ଟାରକାଷ୍ଟରେ ଅଜୟ ଦେବଗନଙ୍କ ପରି ନାମୀ ଅଭିନେତା ବି ଥିଲେ। ହେଲେ କ'ଣ ହେବ ? ବକ୍ସ ଅଫିସରେ ଫିଲ୍ମଟି ଫ୍ଲପ୍ ହେଲା। ତା'ପରେ ଫିଲ୍ମଟିକୁ ପୁଣି ଥରେ ସେକେଣ୍ଡ ରାଉଣ୍ଡରେ ରିଲିଜ କରାଗଲା। ଏହାର ସଫଳତାକୁ ନେଇ କେବଳ ପ୍ରଯୋଜନା ସଂସ୍ଥା ନୁହେଁ ରକୁଲ ମଧ୍ୟ ବେଶ୍ ଆଶାବାଦୀ ଥିଲେ। କିନ୍ତୁ ସବୁ ଆଶା କେବଳ ଆଶାରେ ହିଁ ରହିଯାଇଥିଲା। ଫିଲ୍ମଟି ପୁଣି ଥରେ ଅସଫଳ ହୋଇଥିଲା। କେବଳ ସେତିକି ନୁହେଁ, ଚଳିତ ମାସ ଦ୍ୱିତୀୟ ସପ୍ତାହରେ ଚିତ୍ରଟିର ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଙ୍ଗ ହୋଇଛି। ହେଲେ ପ୍ରାରମ୍ଭରୁ ଫିଲ୍ମଟି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇନାହିଁ। ଏ ବିଷୟରେ ରକୁଲ୍ କହନ୍ତି, ''ଫିଲ୍ମଟିର କାହାଣୀକୁ ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇଛି, ହେଲେ ଭୁଲ କେଉଁଠି ରହିଲା ମୁଁ ଜାଣିପାରୁନାହିଁ।'' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ଅଂଶୁଲ ଶର୍ମା। ୧୫୦କୋଟି ବଜେଟରେ ନିର୍ମିତ ଏହି ଚିତ୍ରଟି ବର୍ତ୍ତମାନ ସୁଦ୍ଧା ୧୦୦କୋଟି ଇନକମ୍ କରିବାରେ ସକ୍ଷମ ହୋଇଛି।

# ଚାହିଁ ବସିଛନ୍ତି ରାଣୀ

ରାଣୀ ମୁଖାର୍ଜୀଙ୍କୁ ନେଇ ଏବେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ? ସେ କୁଆଡେ ବେଶ୍ ଆଗ୍ରହର ସହ ଅପେକ୍ଷା କରିଛନ୍ତି ଯେ, କେଉଁଦିନ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯିବ। କଥା କ'ଣ କି ଶୁଣିବାକୁ ମିଳୁଛି ଯେ ଅକ୍ଷୟ କୁମାରଙ୍କ 'ଓ ମାଇଁ ଗଡ୍ ୩'ର କାଷ୍ଟିଂରେ ରାଣୀଙ୍କୁ ସାମିଲ କରିବାର ଯୋଜନା ରହିଛି। ଆଉ ଏକଥା ଯେତେବେଳେ ତାଙ୍କ କାନରେ ପଡିଲା ସେତେବେଳେ ରାଣୀଙ୍କ ଖୁସି ଦେଖେ କିଏ ? ରାଣୀ କୁହନ୍ତି, ''ମୁଁ ଶୁଣିବାକୁ ପାଉଛି ଯେ, 'ଓ ମାଇଁ ଗଡ୍ ୩'ରେ ମୋତେ ଅଭିନୟ କରିବାର ସୁଯୋଗ ମିଳିବ। ଯେହେତୁ ଏଥିରେ ଅକ୍ଷୟ କୁମାର ଅଛନ୍ତି ତେଣୁ ତାଙ୍କ ସହ ଆକ୍ଟିଂ କରିବାକୁ ବହୁତ ଏକ୍ସାଇଟେଡ୍ ଅଛି ? କିନ୍ତୁ ଯେ ପର୍ଯ୍ୟନ୍ତ ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ କିଛି ସୂଚନା ଦିଆଯାଇନାହିଁ, ସେପର୍ଯ୍ୟନ୍ତ ଏହି କଥାକୁ ନେଇ ଖାଲି ଖୁସି ହେବା ସାର। ମୋର ବିଶ୍ୱାସ ଏଭଳି ସୁଯୋଗ ମୋତେ ନିଶ୍ଚୟ ମିଳିବ।'' 'ଓ ମାଇଁ ଗଡ ୨'ର ନିର୍ଦ୍ଦେଶକ ଅମିତ ରାଇ ମଧ୍ୟ ଏହାର ନିର୍ଦ୍ଦେଶନା ଦେବେ। ତେବେ ରାଣୀଙ୍କୁ ଏହାର କାଷ୍ଟିଂରେ ଅନ୍ତର୍ଭୁକ୍ତ କରାଯାଇଛି କି ନାହିଁ ଦେଖିବାକୁ ବାକି ରହିଲା।



ରାଣୀ

# ନାଗିନ୍ ଅବତାର

ଶକ୍ତି ତନୟା ଶ୍ରଦ୍ଧା କପୁରଙ୍କ ଖୁସି ଏବେ କହିଲେ ନ ସରେ। ଏହାର କାରଣ ହେଲା ଯେ, ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ଏକ ନୂଆ ଅବତାରରେ ଦେଖିବାକୁ ପାଇବେ। ତାହା ହେଲା 'ନାଗିନ୍'। ହଁ, ଏଭଳି ଟାଇଟଲକୁ ନେଇ ଏକ ସିନେମା ନିର୍ମିତ ହେବାକୁ ଯାଉଛି, ଯାହାର ଶୀର୍ଷକ ଭୂମିକାରେ ଶ୍ରଦ୍ଧା ଅଭିନୟ କରିବେ। ଏହାର ଶୁଟିଂ ଚଳିତ ବର୍ଷ ଏପ୍ରିଲରୁ ଆରମ୍ଭ ହେବାର ଯୋଜନା ରହିଛି। 'ସ୍ତ୍ରୀ ୨'ର ଅପାର ସଫଳତା ପରେ ତାଙ୍କର ଚାହିଦା ଏବେ କାହିଁରେ କେତେ। ବର୍ତ୍ତମାନ ଶ୍ରଦ୍ଧା ଏକ ନିର୍ମାଣାଧୀନ ହିନ୍ଦୀ ସିନେମା 'ଇଠା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାପରେ ଉକ୍ତ ସିନେମାର ଡବିଂ କାମ ମଧ୍ୟ ଶୀଘ୍ର ଶେଷ କରିବାକୁ ମାଇଣ୍ଡ ମେକ୍ଅପ୍ କରିସାରିଲେ ସେ। ଏନେଇ ଶ୍ରଦ୍ଧା କହନ୍ତି, ''ଚଳିତ ବର୍ଷ ଏପ୍ରିଲ ପୂର୍ବରୁ ମୋତେ 'ଇଠା'ର ଶୁଟିଂ ଏବଂ ଡବିଂ ଶେଷ କରିବାକୁ ପଡିବ। କାରଣ ଏହି ମାସରୁ ନୂଆ ସିନେମା 'ନାଗିନ୍'ର ଶୁଟିଂ ଆରମ୍ଭ ହେବ। ଏଭଳି ଏକ ରୋଲ୍ ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। ମୋ ଅଭିନୀତ 'ସ୍ତ୍ରୀ ୨' (୨୦୨୪) ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥିଲା। ଗତ ବର୍ଷ ମୋର କୌଣସି ସିନେମା ପରଦା ଉପରକୁ ଆସି ନ ଥିଲା। ଯଦିଓ ଗତ ବର୍ଷ ମୋତେ କେତୋଟି ଅଫର ମିଳିଥିଲା, କିନ୍ତୁ ସେଗୁଡିକ ମୋ ପସନ୍ଦ ହୋଇ ନ ଥିଲା।'' 'ନାଗିନ୍'ରେ ଶ୍ରଦ୍ଧା' କି କମାଲ କରୁଛନ୍ତି ତାହା ଜାଣିବାକୁ କେବଳ ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।



ଶ୍ରଦ୍ଧା



ଅକ୍ଷୟ

# ନିଆରା ଅଭ୍ୟାସ

ଅକ୍ଷୟ ଖାନ୍ନାଙ୍କର ଏକ ନିଆରା ଅଭ୍ୟାସ ରହିଛି। ତାହାକୁ ଏ ପର୍ଯ୍ୟନ୍ତ ମଧ୍ୟ ସେ ଜାରି ରଖିଛନ୍ତି। ହେଲେ ତାହା କ'ଣ ଜାଣିବେନି ? ବହି କିଣିବା। ସେ ମନ ପସନ୍ଦର ବହି କିଣିଥାଆନ୍ତି ଓ ସେସବୁକୁ ପଢ଼ିଥାନ୍ତି ମଧ୍ୟ। ତେବେ ଏହି ଅଭ୍ୟାସ ତାଙ୍କର ଏବେକାର ନୁହେଁ, ପିଲାଟି ଦିନର। ଏ ବିଷୟର ଅକ୍ଷୟ କହନ୍ତି, ''ଏକଦା ମୁଁ ସ୍କୁଲରେ ପଢୁଥିବାବେଳେ ଜଣେ ମହାପୁରୁଷଙ୍କ ଜୀବନୀ ପଢୁଥିଲି। ପାପା (ବିନୋଦ ଖାନ୍ନା) ମୋର ଏଭଳି ଗୁଣକୁ ଭାରି ପ୍ରଶଂସା କରିଥିଲେ। ତା'ପରେ ଭଲ ଭଲ ବହି ପଢ଼ିବାର ନିଶା ବଢିବାକୁ ଲାଗିଲା। ଅନେକ ବହି କିଣିଲି। ଘରେ ଏଥିପାଇଁ ଏକ ମିନି ଲାଇବ୍ରେରିଟିଏ ବି କରିଛି। ସେଠାରେ ମୋ ମନ ପସନ୍ଦର ବହିଗୁଡିକୁ ସାଇତି ରଖିଛି। ବଜାରକୁ କୌଣସି ନୂଆ ବହି ଆସିଲେ ତାହାକୁ କିଣିବାକୁ ଭୁଲି ନ ଥାଏ। ଯୁଆଡେ ବୁଲିବାକୁ ଗଲେ ଯଦି କୌଣସି ବୁକ୍ ଷ୍ଟଲ ଉପରକୁ ନଜର ଆସେ ସେଠାରେ ଅଟକି ମନ ପସନ୍ଦର ବହି କିଣିବାକୁ ଭୁଲି ନଥାଏ।'' ଅକ୍ଷୟଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ଜେ.ପି. ଦତ୍ତାଙ୍କ ସୁପରହିଟ୍ ଫିଲ୍ମ 'ବର୍ଡର'ରୁ। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତ ଅଭିନେତା ଭାବରେ ପୁରସ୍କାର ମିଳିଥିଲା। ନିକଟରେ ତାଙ୍କ ଅଭିନୀତ 'ଧୂରନ୍ଧର' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି।



ରକୁଲ୍

# ପ୍ରଥମ ରୋଜଗାର କଥା ମନେ ପଡ଼ିଲେ ବାପାଙ୍କ ମୁହଁଟା ଆଖି ଆଗରେ ଦିଶେ

## ପ୍ରଥମ ରୋଜଗାର

କବି, ଗାଳ୍ପିକ ତଥା ପ୍ରାଧ୍ୟାପକ **ଡ. ଅଶୋକ କୁମାର ଷଡ଼ଙ୍ଗୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ପ୍ରଥମ ରୋଜଗାର ମୋ' ଜୀବନର ଗୋଟିଏ ଅବିସ୍ମରଣୀୟ ଅନନ୍ୟ ଅନୁଭୂତି। ସେ ଦିନ ପାଇଥିବା ଟଙ୍କାର ମୂଲ୍ୟ ହୀରାଠାରୁ ଅଧିକ ଥିଲା ମୋ' ପାଇଁ। ସେଦିନ ମୋର ମନେ ହେଲା ଆଜିଠୁ ମୁଁ ନିଜ ପାଇଁ ଓ ନିଜ ପରିବାର ପାଇଁ କିଛି କରିପାରିବି। ମୋ' ବୋଉର ମୁହଁରେ ଦେଖାଯାଉଥିବା ଖୁସି ଓ ବାପାଙ୍କ ନୀରବ ଗର୍ବ ମୋ' ପାଇଁ ସେ ରୋଜଗାରଠାରୁ ବି ଅଧିକ ମୂଲ୍ୟବାନ ଥିଲା। ସେ ଦିନଠୁ ଆଗକୁ ବଢ଼ିବାର ସାହାସ ଦେଇଥିଲା ମୋ' ପ୍ରଥମ ରୋଜଗାର। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ମୋର ଜନ୍ମ। ବାପା ପ୍ରାଇମେରୀ ସ୍କୁଲର ଜଣେ ଶିକ୍ଷକ ଥିଲେ। ସେତେବେଳକୁ ତାଙ୍କର ମାସିକ ଦରମା ଥିଲା ମାତ୍ର ସାତଶହ ଟଙ୍କା। ଆମର ବଡ଼ ପରିବାର ହେତୁ ଆର୍ଥିକ ଅସ୍ୱଚ୍ଛଳତା ପ୍ରାୟ ଲାଗି ରହୁଥିଲା। ତଥାପି ବାପା ଆମର ପାଠ ପଢ଼ାପଢ଼ିରେ କେବେବି ଅବହେଳା କରିନଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ସାରି ଏକ ପ୍ରାଇଭେଟ କଲେଜରେ ଅଧ୍ୟାପକ ରୂପେ କାର୍ଯ୍ୟ ଆରମ୍ଭ କଲି ମାତ୍ର ମାସକୁ ୧୨୦ ଟଙ୍କା ଦରମାରେ। ଏତେ ସ୍ୱଳ୍ପ ଟଙ୍କାରେ ସହରରେ ଚଳିବା ନିଶ୍ଚିତଭାବେ ମୋ' ପାଇଁ ଯନ୍ତ୍ରଣା ଦାୟକ ଥିଲା। ତଥାପି ବାପା ସାହସ ଦିଅନ୍ତି, ପ୍ରତି ମାସରେ ଘରୁ ଚାଉଳ ଓ ପଇସା ପତ୍ର ପଠାଇ ଦିଅନ୍ତି ବସ୍‌ରେ।

ଖୁବ କମ୍ ଦିନ ଭିତରେ ମୁଁ ଅନୁଦାନ ପାଇବା ପାଇଁ ଯୋଗ୍ୟ ହେଲି ଏବଂ ସରକାରୀ ଭାବେ ପ୍ରଥମ ମାସରେ ଦଶହଜାର ଟଙ୍କା ଦରମା ପାଇଥିଲି। ସେଦିନର ସେଇ ମୁଗ୍ଧ ଅନୁଭବ ଆଜିବି ମୋର ସ୍ମୃତିପଟରେ ସତେଜ ହୋଇ ରହିଛି। ସେଦିନ ଟଙ୍କାତକ ଧରି ଘରକୁ ଫେରିବାବେଳେ ବାପା ଖଟିଆ ଉପରେ ଶୋଇଥିଲେ, ପ୍ରଣାମ କଲି। ବୋଉ କହିଲା, କିଛିଦିନ ହେଲା ବାପାଙ୍କ ଛାତିରେ ଦରଜ ହୋଇ ସେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଆଖିରୁ ମୋର ଲୁହ ଝରି ଆସିଲା। ଯେଉଁ ଆନନ୍ଦ ଓ ଆବେଗ ନେଇ ଘରକୁ ଆସିଥିଲି ତାହା ପାଣି ଫୋଟକା ପରି ହଠାତ୍ ମିଳେଇ ଗଲା। ବାପା ଉଠି ଖଟିଆ ଉପରେ ବସିଲେ। ତାଙ୍କ କୋରଡ଼ାଗତ ଚକ୍ଷୁ ଦୁଇଟିରେ ଯନ୍ତ୍ରଣାର ଚିହ୍ନ ସ୍ପଷ୍ଟ ଦିଶୁଥିଲା। ମୁଁ କହିଲି, ବାପା ଚାଲ କାଲି ଆମେ ପୁଟ୍ଟପର୍ତ୍ତୀ ଯିବା, ସେଠାରେ ଭଗବାନ ସତ୍ୟସାଇବାବାଙ୍କ ଏକ ଦାତବ୍ୟ ମେଡିକାଲ କଲେଜ ଅଛି। ସେଠି ସବୁ ପ୍ରକାର ସୁବିଧା ଅଛି, ତୁମର କିଛି ଅସୁବିଧା ହେବ ନାହିଁ। ବାପାଙ୍କୁ ନେଇ ପୁଟ୍ଟପର୍ତ୍ତୀରେ ପହଞ୍ଚିଲି। ଡାକ୍ତର କହିଲେ, ହୃତପିଣ୍ଡ ରକ୍ତନଳୀରେ ବ୍ଲକେଜ ଅଛି ଅସ୍ତ୍ରୋପ୍ରଚାର କରିବାକୁ ପଡ଼ିବ। ଏଠି ସାରା ଭାରତବର୍ଷରୁ ଆସୁଥିବା ରୋଗୀଙ୍କ ଲମ୍ବା ଲାଇନ। ଶୀଘ୍ର ସୁବିଧା ପାଇବା ସମ୍ଭବ ନୁହେଁ। ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରି ଅପେକ୍ଷା କରିବାକୁ ପଡ଼ିବ ଏକ ବର୍ଷ ପର୍ଯ୍ୟନ୍ତ। ସେଦିନ ଟ୍ରେନରେ ଘରକୁ ଫେରିଲା ବେଳକୁ ବାପା ସୁସ୍ଥ ଅନୁଭବ କରୁଥିଲେ। ବାପାଙ୍କ ପାଖରେ ବସିଲି। ମୋ' ପ୍ରଥମ ରୋଜଗାରରୁ ବଳିଥିବା ପାଞ୍ଚ ହଜାର ଟଙ୍କା ପକେଟରୁ ବାହାର କରି ବାପାଙ୍କ ହାତରେ ଧରାଇ ଦେଇ କହିଲି, ସାରା ଜୀବନ ନିଜ ପେଟ କାଟି ଆମ ମୁହଁରେ ହସ ଫୁଟାଇଛ। ମୋର ଏତିକି ପ୍ରଥମ ରୋଜଗାର ଥିଲା ତୁମେ ରଖ, ନିଜର ଯତ୍ନ ନେବ ଓ ଔଷଧ ନିୟମିତ ଖାଉଥିବ। ସେଦିନ ଠାରୁ ମୋର ପ୍ରତି ମାସର ରୋଜଗାରରୁ କିଛି ନିଜ ପାଇଁ ରଖି ଅବଶିଷ୍ଟ ଟଙ୍କା ବାପାଙ୍କ ହାତରେ ଦିଏ। କିଛି ଟଙ୍କା ବାପାଙ୍କ ଅପରେସନ ପାଇଁ ଭବିଷ୍ୟତରେ ଖର୍ଚ୍ଚ ହେବ ଭାବି ବ୍ୟାଙ୍କରେ ରଖେ। ଏମିତି ଭାବରେ ଦୀର୍ଘ ଛ' ମାସ ଗଲା। ପୁଣିଥରେ ବାପାଙ୍କ ପୁରୁଣା ରୋଗଟା ବଢ଼ିବାକୁ ଲାଗିଲା। ସେ ସମୟରେ ସେଲ୍ ଫୋନର ବ୍ୟବସ୍ଥା ନଥିବାରୁ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାରେ ଅସୁବିଧା ହେଉଥିଲା। ହଠାତ୍ ଦିନେ ସକାଳୁ ମୋତେ ଜଣେ ଖବର ଦେଲେ ଯେ, ମୋ' ବାପା ଆଉ ଇହଜଗତରେ ନାହାନ୍ତି, ଶୀଘ୍ର ଗାଁକୁ ଯିବାକୁ କହିଲେ। ସ୍କୁଟର ନେଇ ଘରେ ପହଞ୍ଚିଲି। ବାପାଙ୍କ ଶବ ପାଖରେ ଗାଁ ସାରା ଲୋକ ରୁଣ୍ଡ। ବାପାଙ୍କ ଗୋଡ଼ ପାଖରେ ବସି ଅନେକ ସମୟ ଧରି କାନ୍ଦିଥିଲି ତାଙ୍କୁ ବଞ୍ଚାଇ ପାରିଲି ନାହିଁ ବୋଲି। ବାପାଙ୍କୁ ନୂଆ ଲୁଗା ପିନ୍ଧାଇବା ବେଳେ ଦେଖିଲି ତାଙ୍କ ତକିଆ ତଳେ ବିଡ଼ାଏ ନୋଟ ଆଉ ଏକ ହାତଲେଖା ଚିଠିଟିଏ ରହିଛି। ସେଥିରେ ବାପା ତାଙ୍କ ଶେଷ ସମୟରେ ମନର ଦୁଇପଦ କଥା ଲେଖିଛନ୍ତି। ସେଥିରେ ଲେଖାଥିଲା– "ଜାଣିଛି, ମୁଁ ଆଉ କେବେ ଭଲ ହୋଇ ପାରିବି ନାହିଁ। ତେଣୁ ତୋର ଟଙ୍କାକୁ ଖର୍ଚ୍ଚ ନ କରି ସବୁତକ ମୁଁ ସାଇତି ରଖିଛି ନିଜ ପାଖରେ। ଘରେ ଯେଉଁମାନେ ରୋଜଗାରକ୍ଷମ ହୋଇ ନାହାନ୍ତି ସେମାନଙ୍କ ପଢ଼ାପଢ଼ିରେ ଏ ଟଙ୍କା ଖର୍ଚ୍ଚ କରିବୁ। ବୋଉ ସ୍ୱାସ୍ଥ୍ୟର ଯତ୍ନ ନେବୁ।" ସେ ଦିନ ମୋ' ଆଖିରୁ ବହିଗଲା ଝରଝର ଲୁହ। ସତରେ ବାପା ତୁମେ କେତେ ମହାନ! ଆଜି ମୋ' ଜୀବନରେ ଅନେକ ପରିବର୍ତ୍ତନ ଆସିଛି କିନ୍ତୁ ମୋ' ପ୍ରଥମ ରୋଜଗାରର ସେ ପୁଲକ କେବେ ମଳିନ ହୋଇ ନାହିଁ। ମୋ' ପ୍ରଥମ ରୋଜଗାର କଥା ମନେ ପଡ଼ିଲେ ବାପାଙ୍କ ମୁହଁଟା ଆଖି ଆଗରେ ଦିଶେ। ଆଉ ନୀରବରେ ଆଖିଦୁଇଟା ବେଳେବେଳେ ଛଳଛଳ ହୋଇଯାଏ।

## ସାଥୀ

# ଟେରଛା ଚାହାଣି ଲାଜୁଆ ହସ, ତହିଁରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ–** ମୋ ପ୍ରିୟା ବେଳେବେଳେ ଅଭିମାନ କରୁଛି। ହେଲେ ସେ ହସିଦେଲେ ମୋତେ ଲାଗୁଛି ଯେମିତି ମୁଁ ଏକ ନୂଆ ଦୁନିଆରେ ରହିଛି। ସେ ହସରେ ଏମିତି କ'ଣ ଅଛି କହିବେ କି ସାଥୀ ?

*–ବିଜୟ ରାଉତ, ବଲାଙ୍ଗୀର*

**ଉତ୍ତର:** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଅନେକ ସମୟରେ ସେହି ଅଭିମାନରେ ମନର ଅନେକ କଥା ଲୁଚି ରହିଥାଏ। ସେ ସିନା ଅଭିମାନ କରିଛି, ହେଲେ ତା' ଲାଜରେ ଅନେକ କଥା ଲୁଚି ରହିଛି। 'ଟେରଛା ଚାହାଣି ଲାଜୁଆ ହସ, ତହିଁରୁ ଝରୁଛି ପ୍ରେମର ରସ'। ତା' ମନର ଭିତିରି କଥାକୁ ଥଣ୍ଡା ମିଜାଜରେ ଭଲ ଭାବରେ ଅନୁଧ୍ୟାନ କରନ୍ତୁ। ଦେଖିବେ ସେହି ଲାଜୁଆ ହସରେ ପ୍ରେମର ଅନେକ ଭିତିରି କଥା ଲୁଚି ରହିଛି।

**ପ୍ରଶ୍ନ–** ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା' ପ୍ରେମ ଜାଲରେ ବାନ୍ଧିବାକୁ ଚେଷ୍ଟା କରୁଛି। କ'ଣ କରିବି ?

*–ଅମନ ଦାସ, କଟକ*

**ଉତ୍ତର:** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି। ଏବେ ପୁଣି ଆଉ ଜଣେ ସୁନ୍ଦରୀ ମାୟାରେ ପଡିଯାଇଛନ୍ତି। ଏହାର ଅର୍ଥ ଜାଣତରେ ହେଉ ଅବା ଅଜାଣତରେ ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ଘର ସଂସାର କରିବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୂରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ।

**ପ୍ରଶ୍ନ–** ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି। ହେଲେ ଏବେ ଜାଣୁଛି ସେ ମୋ ସହ ମିଛ ନାଟକ କରୁଥିଲା। ବର୍ତ୍ତମାନ ମୁଁ କ'ଣ କରିବି ?

*–ତାପସ କୁମାର, ରାଉରକେଲା*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ଆପଣ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିନାହାନ୍ତି। କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ। କେତେକ ହସରେ ଏପରି ଭାଇରସ୍ ଥାଏ ଯେ, ତାହାର ଦଂଶନ ସାରା ଜୀବନ ଅନୁଭୂତ ହୋଇଥାଏ। ଏବେ ଯଦି ସେ ପ୍ରେମିକାର ଅସଲ ରୂପ ଜାଣିସାରିଲେଣି, ତେବେ ବିଳମ୍ବ କରି କିଛି ଫାଇଦା ନାହିଁ। କାରଣ ସେହି ବହୁରୂପୀ ପ୍ରେମିକାକୁ ନେଇ ଯଦି ଆଗକୁ ଆଗାନ୍ତି ତେବେ ଆପଣଙ୍କ ପ୍ରେମର ଯନ୍ତ୍ରଣା ସେତେ ବଢ଼ି ଚାଲିବ। ତେଣୁ ସେଭଳି ପ୍ରେମିକା ଆଉ ପ୍ରେମକୁ ଶୀଘ୍ର ଗୁଡବାୟ କରି ଦିଅନ୍ତୁ।

**ପ୍ରଶ୍ନ–** ଯାହାକୁ ମୋ ଜୀବନର ସବୁ କିଛି ଉତ୍ସର୍ଗ କରି ପ୍ରେମ କରୁଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ମୋ ମନକୁ ବୁଝାଇ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ବିବେକ, ଖୋର୍ଦ୍ଧା*

**ଉତ୍ତର:** ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତା'ର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ପୁରୁଣା ଭୁଲର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ନିଅନ୍ତୁ। ନ ହେଲେ ପୁଣି ଯେ, ପ୍ରଥମ ପ୍ରେମର ପରିସ୍ଥିତି ସୃଷ୍ଟି ନ ହେବ, ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ।





# ପଣିଷ ନଥିବା ଗାଁ ପୋଡ଼ମପେଟା

**ଗାଁ କହିଲେ ଶସ୍ୟଶ୍ୟାମଳା ସବୁଜ ପରିବେଶ, ଲୋକବାକ, ଗହଳିଚହଳି। ସାଇପଡ଼ିଶା ଯିବା ଆସିବା ବି ଲାଗି ରହିଥିବା ହେଲେ ଏମିତି ବି ଗାଁ ଅଛି ଓଡ଼ିଶାରେ ଯେଉଁଠି ଗାଁ କହିଲେ ଖାଲି ଫାଙ୍କା ଘର ଆଉ ଘର। ଲୋକଟିଏ ବି ଦେଖିବାକୁ ପାଇବେନି...**

ଗାଁ କହିଲେ ଶସ୍ୟଶ୍ୟାମଳା ସବୁଜ ପରିବେଶ, ଲୋକବାକ, ଗହଳିଚହଳି। ସାଇପଡ଼ିଶା ଯିବା ଆସିବା ବି ଲାଗି ରହିଥିବ। ହେଲେ ଏମିତି ବି ଗାଁ ଅଛି ଓଡ଼ିଶାରେ ଯେଉଁଠି ଗାଁ କହିଲେ ଖାଲି ଫାଙ୍କା ଘର ଆଉ ଘର। ଲୋକଟିଏ ବି ଦେଖିବାକୁ ପାଇବେନି। ଏହି ଗାଁ ହେଉଛି ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ସ୍ଥିତ ସମୁଦ୍ରକୂଳ ନିକଟବର୍ତ୍ତୀ ପୁରୁଣା ପୋଡ଼ମପେଟା ଗାଁ। ଭୁବନେଶ୍ୱର ପଟୁ ଆସିଲେ ହୁମ୍ମାଠାରୁ ମାତ୍ର ୩ କି.ମି. ଯିବା ପରେ ପଡ଼ିବ ଏହି ଗାଁ। ଆଉ ବ୍ରହ୍ମପୁର ଆଡୁ ଆସିଲେ ଭାୟା ହୁମ୍ମା ଦେଇ ୩୮ କି.ମି. ଅତିକ୍ରମ କଲାପରେ ପଡ଼ିବ ଏହି ଗାଁ। ପ୍ରକୃତରେ ସମୁଦ୍ରରେ ଲୀନ ହେବା ଭୟରେ ଏହି ଗାଁ ଏବେ ଜନଶୂନ୍ୟ। ଏହାର ତିନୋଟି ସାହି ଓ ଶହେରୁ ଉର୍ଦ୍ଧ୍ୱ ଘର ସମୁଦ୍ର ଗର୍ଭରେ ଲୀନ ହୋଇ ସାରଲାଣି।

ପୂର୍ବେ ଏହି ଗାଁ ରେ ୫୦୦ରୁ ଉର୍ଦ୍ଧ ମତ୍ସ୍ୟଜୀବି ପରିବାର ବସବାସ କରି ଆସୁ ଥିଲେ। ସମୁଦ୍ରରେ ମାଛ ମାରିବା ଥିଲା ତାଙ୍କର ମୁଖ୍ୟ ବେଉସା। ବେଳକୁ ବେଳ ସମୁଦ୍ରର ଉଚ୍ଚ ଜୁଆର ଯୋଗୁଁ ଦିନେ ଏହି ଗ୍ରାମଟି ସମ୍ପୂର୍ଣ୍ଣ ସମୁଦ୍ର ଗର୍ଭରେ ଲୀନ ହେଇଯିବା ଆଶଙ୍କାରେ ଜିଲ୍ଲା ପ୍ରଶାସନ ୨୦୦୪ରେ ସେମାନଙ୍କ ଥଇଥାନ ପାଇଁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନିଜ ଭିଟାମାଟିକୁ ଛାଡ଼ିବାକୁ କଷ୍ଟ ହେଲେ ବି ବାଧ୍ୟ ହୋଇ ଲୋକମାନେ ପ୍ରଶାସନକୁ ସହଯୋଗ କଲେ। ପ୍ରଶାସନ ପକ୍ଷରୁ ଓଡିଶା ବିପର୍ଯ୍ୟୟ ଓ ଥଇଥାନ ପ୍ରକଳ୍ପ (ଓଡିଆରପି )ପ୍ରଥମେ ସେହି ଗ୍ରାମର ୧୧୦ପରିବାରକୁ ଓଡିଆରପି ଯୋଜନାରେ ରାମଗଡ଼ ପଞ୍ଚାୟତ ଡୁମୁନାଗିରି ପାହାଡ଼ ପାଦଦେଶ ସାହେବ କେନାଲ ପାର୍ଶ୍ୱରେ ଥଇଥାନ କରାଇଲା। ପରେ ୨୦୧୩ରେ ଓଡିଆରପି କଲୋନୀରେ ୧୦୨ ପରିବାରକୁ ସ୍ଥାନାନ୍ତରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୮ରେ ଏକାକାଳୀନ ୩୦୦ରୁ ଉର୍ଦ୍ଧ ପରିବାରକୁ ମୟୁରପଦା ଗ୍ରାମ ନିକଟସ୍ଥ ସାହେବ କେନାଲ ପାର୍ଶ୍ୱରେ ଥଇଥାନ କଲା ପ୍ରଶାସନ। ବର୍ତମାନ ପୋଡ଼ମପେଟା ଗ୍ରାମରେ କେବଳ ଘର ଆଉ ଘର। କିନ୍ତୁ ଘରେ ନାହିଁ ଆସବାବପତ୍ର କି କବାଟ ଝରକା। କେହି ବି ଲୋକ ଆସୁ ନାହାନ୍ତି ଏଠାକୁ। ସମୁଦ୍ର କୁଳଠାରୁ ପ୍ରାୟ ତିନି କିମି ଦୂରରେ ଏହି ଗ୍ରାମ ଥିବା ବେଳେ ପ୍ରାୟ ତିନୋଟି ସାହି ଅର୍ଥାତ ଶହେରୁ ଉର୍ଦ୍ଧ୍ୱ ଘର ସମୁଦ୍ର ଗର୍ଭରେ ଲୀନ ହୋଇସାରିଥିବା ସେହି ଗ୍ରାମର ଜି ରାମେୟା କୁହନ୍ତି। ସେହି ଗାଁ ରେ ଏବେ କେହି ଲୋକ ରହୁ ନଥିଲେ ମଧ ମତ୍ସ୍ୟଜୀବିଙ୍କ ଇଷ୍ଟ ଦେବୀ ଏବେବି ଉକ୍ତ ପୋଡ଼ମପେଟା ଗ୍ରାମ ଶେଷରେ ଥିବା ମନ୍ଦିରରେ ପୂଜା ପାଉଛନ୍ତି। ଜଣେ ଅବିବାହିତ ଝିଅ ପ୍ରତିଦିନ ସେଠାକୁ ଯାଇ ମା'ଙ୍କୁ ପୂଜାର୍ଚ୍ଚନା କରନ୍ତି। ଗତ କିଛି ଦିନ ମଧରେ ସମୁଦ୍ର ଅଶାନ୍ତ ହୋଇ ପଡିବା ସହ ପ୍ରବଳ ଜୁଆର ମାଡି ଆସୁଛି । ଲାଗୁଛି ଦିନେ ସମୟ ଆସିବ ଗଞ୍ଜାମ ମାନଚିତ୍ରରୁ ଲିଭିଯିବ ପୋଡ଼ମପେଟା ଗ୍ରାମ ବୋଲି କୁହନ୍ତି ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ।

–ବିଦ୍ୟାଧର ସାହୁ




# ବାଉଁଶ କାରିଗରି ଦେଇଛି ପରିଚୟ

**ବା**ଉଁଶକୁ କୁହାଯାଏ ସବୁଜ ସ୍ୱର୍ଣ୍ଣ। ବାଉଁଶ ହସ୍ତଶିଳ୍ପର ରହିଛି ସ୍ୱତନ୍ତ୍ର ପରିଚୟ। ଆଉ ବାଉଁଶରେ ତିଆରି ବିଭିନ୍ନ ଗୃହ ଉପକରଣ ଓ ସୌଖୀନ ଘରସଜ୍ଜା ସାମଗ୍ରୀ ସମସ୍ତଙ୍କର ପ୍ରିୟ। ବାଉଁଶ କାରିଗରକୁ ମାଧ୍ୟମ କରି ଅନେକ ଲୋକ ନିଜର ଗୁଜୁରାଣ ମେଣ୍ଟାନ୍ତି। ସେମିତି ଜଣେ ମହିଳା ବାଉଁଶ କାରିଗର ହେଲେ ବାଲେଶ୍ୱର ଜିଲାର ସୋର ଅଧୀନ ତୁଣ୍ଡାପଡ଼ା, ଅଞ୍ଚଳର ସରୋଜିନୀ ଦାସ । ସେ କୁହନ୍ତି, 'ବାପା ଦେବେନ୍ଦ୍ର ନାଥ ଦାସଙ୍କ ଠାରୁ ବେତ ଓ ବାଉଁଶ ହସ୍ତଶିଳ୍ପକାମ ଶିଖିଥିଲି। ଯୁକ୍ତ ଦୁଇ ପରେ ଭୁବନେଶ୍ୱର ହସ୍ତ ଶିଳ୍ପ ତାଲିମ ପ୍ରତିଷ୍ଠାନ ରେ ଦୁଇ ବର୍ଷ ତାଲିମ ନେଲାପରେ ବେତ ଓ ବାଉଁଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା ସହ ସ୍ୱାବଲମ୍ବୀ ହେଲି। ମୋ ପରି ଅନେକ ଲୋକ ଏହି କାରିଗରିରୁ ପେଟ ପୋଷୁଛନ୍ତି। ତେବେ ପ୍ରଥମେ ଝିଅ ହୋଇ ବାଉଁଶ କାମ କରିବା ଦ୍ୱାରା ଅନେକ ସମାଲୋଚନାର ଶିକାର ହୋଇଥିଲି। କିନ୍ତୁ ମୁଁ ପଛକୁ ହଟି ଯାଇ ନ ଥିଲି। ମୋ କାମରେ ମୁଁ ଖୁବ୍ ଖୁସି ପାଉଥିଲି। ଯେଉଁଥିପାଇଁ ମୁଁ ନିଜେ ରୋଜଗାର କରିବା ସହ ଅନେକଙ୍କୁ ରୋଜଗାରର ବାଟ ଦେଖାଇଛି। ମୁଁ ପ୍ରାୟ ଷାଠିଏ ଜଣ ମହିଳାଙ୍କୁ ବାଉଁଶ



କାରିଗରି ଶିଖାଉଛି। ସେମାନେ ମୋ ସହ କାମ କରୁଛନ୍ତି। ଯେଉଁ ବାଉଁଶ କାରିଗରି ପାଇଁ ଦିନେ ମତେ ସମାଲୋଚନା କରୁଥିଲେ ହେଲେ ଆଜି ସମ୍ମାନ ଦେଉନ୍ତି। ୨୦୨୨ରେ ରାଜ୍ୟ ସରକାର ରାଜ୍ୟ ପ୍ରତିଭା ପୁରସ୍କାର ଦେଇ ସମ୍ମାନିତ କରିଛନ୍ତି, ୨୦୨୧ରେ କଳାକୃତି ପୁରସ୍କାର, ଅଭିନବ କୃତି ପୁରସ୍କାର, ସେବାରତ୍ନ ପୁରସ୍କାର, ହେରିଟେଜ ପୁରସ୍କାର ଆଦି ଅନେକ ସମ୍ମାନ ମୁଁ ପାଇଛି। ଓଡ଼ିଶା ଛଡ଼ା ମଧ ପ୍ରଦେଶ, ହାଇଦ୍ରାବାଦ, ଚେନ୍ନାଇ, ଦିଲ୍ଲୀ ଆଦି ସ୍ଥାନରେ ବିଭିନ୍ନ ପ୍ରଦର୍ଶନୀରେ ଯୋଗ ଦେବା ସହ ପ୍ରଶଂସିତ ବି ହୋଇଛି। ଆଜି ମତେ ଖୁସି ଲାଗୁଛି ଯେ, ବାଉଁଶ କାରିଗରି ମୋ ପାଇଁ ପରିଚୟ ତିଆରି କରିଛି।





## ହାଃ ହାଃ

### ହେଲମେଟ୍ ଚେକିଂ

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ତମ ଆଖିରେ ମୁଁ ସାରା ପୃଥିବୀ ଦେଖି ପାରୁଛି।
ପାଖରେ ବିନା ହେଲ୍‌ମେଟ୍‌ରେ ଥିବା ବ୍ୟକ୍ତି: ପ୍ଲିଜ୍, ତମ ଗର୍ଲ ଫ୍ରେଣ୍ଡ ଆଖିରେ ଦେଖି କହିଲ ଆଗ ଛକରେ ଟ୍ରାଫିକ୍ ପୋଲିସ୍ ହେଲମେଟ୍ ଚେକିଂ କରୁଛନ୍ତି କି ନାହିଁ ?

### ଶୋଲେ

ଶୋଲେ ଫିଲ୍ମ ଦେଖି ଫେରିବା ପରେ ପରିବାର ପୁରା ଫିଲ୍ମି ମୁଡରେ ଥାଆନ୍ତି।
ସ୍ୱାମୀ ମଜାରେ ମଜାରେ ସ୍ତ୍ରୀକୁ: ନାଚ୍ ବସନ୍ତୀ ନାଚ୍...
ପୁଅ: ମମ୍ମି ଇସ୍ କୁତ୍ତେ କେ ସାମ୍‌ନେ ମତ୍ ନାଚନା...

### ସ୍ମରଣ ଶକ୍ତି

ବାପା ପୁଅକୁ: ଆଜିକାଲି ପିଲାଙ୍କୁ ବାଦାମ ଦିଆଯାଉଛି ସ୍ମରଣ ଶକ୍ତି ବଢାଇବା ଓ ପାଠ ମନେ ରଖିବା ଲାଗି।
ପୁଅ: ତମେ ଛୋଟ ଥିଲା ବେଳେ କ'ଣ ଦିଆ ଯାଉଥିଲା କି ?
ବାପା: ଆମେ ଛୋଟ ଥିଲାବେଳେ ତ ଦୁଇ ଚାପୁଡାରେ ସବୁ ମନେ ରହି ଯାଉଥିଲା।

### ଅନୁଭବ

ମନୋଜକୁ ଦୁଃଖୀ ଥିବା ଦେଖି ରାଜେଶ: କ'ଣ ହେଇଛି କାହିଁକି ଦୁଃଖି ଅଛୁ ?
ମନୋଜ: ମୋ ଗର୍ଲଫ୍ରେଣ୍ଡ କହୁଛି ମୋ ପ୍ରେମକୁ ସେ ଅନୁଭବ କରିପାରୁନି। ହେଲେ ତାକୁ କେମିତି ବୁଝେଇବି ଯେ, ପୃଥିବୀ ଘଣ୍ଟା ପ୍ରତି ପ୍ରାୟ ୧୬୭୦ କି.ମି. ବେଗରେ ଘୁରୁଛି। ଆଜିଯାଏ ତାକୁ ଅନୁଭବ କରି ହେଉନି। ମୋ ପ୍ରେମକୁ କେମିତି ଅନୁଭବ କରିହେବ।




# ସୋରଣଗଡ଼

ଖୋର୍ଦ୍ଧା ଜିଲାର ଚିଲିକା ବ୍ଲକ୍ ଅଧୀନ ସୋରଣ। କିମ୍ବଦନ୍ତୀ ଅନୁସାରେ ଲୋକେ ଏହାକୁ 'ସୋଣିତନଗର' ବୋଲି କୁହନ୍ତି। ଏହି ସୋଣିତନଗର ବା ସୋରଣଗଡ଼ ଚିଲିକା କୂଳରେ ଅବସ୍ଥିତ। ଇତିହାସରୁ ଜଣାପଡ଼େ ୬ଷ୍ଠ ଶତାବ୍ଦୀରେ ମାଠର ଶାସନର ଅବସାନପରେ କଳିଙ୍ଗ ସାମ୍ରାଜ୍ୟ ଭିତରେ ଥିଲା କୋଙ୍ଗଦ ରାଜ୍ୟ, ଯାହାକି ଦକ୍ଷିଣରେ ମହେନ୍ଦ୍ରଗିରିଠାରୁ ଉତ୍ତରରେ ମହାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏହାର ରାଜଧାନୀ ଥିଲା ଆଧୁନିକ ବାଣପୁର ଅନ୍ତର୍ଗତ ବଙ୍କଡ଼ାଗଡ଼। କୋଙ୍ଗଦରେ ଶୈଳୋଦ୍ଭବୀମାନେ ଦୀର୍ଘ ୨ଶହ ବର୍ଷ ଶାସନ କରିଥିଲେ। ଶାସନର ସୁବିଧା ଦୃଷ୍ଟିରୁ ସମଗ୍ର କୋଙ୍ଗଦ ମଣ୍ଡଳକୁ ୧୦ଟି ଜିଲାରେ ବିଭକ୍ତ କରିଥିଲେ। ଯଥା: ୧. କୃଷ୍ଣଗିରି, ୨.ଥୋରଣ( ଆଧୁନିକ ସୋରଣ), ୩. ଗଡ଼ଡ଼ା(ବୁଗୁଡ଼ା ଅଞ୍ଚଳ),୪. ଦେବଗ୍ରାମ(ପୁରୁଷୋତ୍ତମପୁର ଅଞ୍ଚଳ), ୫. ଜୟପୁର(ଋଷିକୁଲ୍ୟା ଅବବାହିକା ନଳବଣ୍ଟା ଅଞ୍ଚଳ), ୬.କଟକଭୁକ୍ତ (ଜଉଗଡ଼), ୭.ରାଜତିଳକ(ନୟାଗଡ଼ ଓଡ଼ଗାଁ ଅଞ୍ଚଳ), ୮.ସିଡ଼ଙ୍ଗହାର(କୋମଣ୍ଡ ଅଞ୍ଚଳ), ୯.ତନ କେନ୍ଦ୍ର ବିଷୟ(ରଣପୁର ବୋଲଗଡ଼ ଅଞ୍ଚଳ),୧୦.ବର୍ତ୍ତିନୀ(ପୋଲସରା ବୋଇରାଣୀ ଅଞ୍ଚଳ)ଥିଲା। ହୁଏନ୍‌ସାଂଙ୍କ ବର୍ଣ୍ଣିତ ମାଣିକ ପାଟଣା ବନ୍ଦରଠାରୁ ଥୋରଣ ନିକଟତର ଥିଲା। ଥୋରଣ (ଆଧୁନିକ ସୋରଣ) ପୂର୍ବଦିଗରେ ଥିବା ଜଳଭାଗ କୂଳରେ ଅବସ୍ଥିତ। ସେହିପରି ଥୋରଣ ଟଲେମିଙ୍କ ବର୍ଣ୍ଣିତ ପାଲୁର ବନ୍ଦର ଏବଂ ଗିରିଦୁର୍ଗ ବଙ୍କାଡ଼ଗଡ଼ ଅନ୍ତର୍ଗତ ଥିଲା। ଶୈଳୋଦ୍ଭବ ରାଜବଂଶର ଶାସକ ମାଧବ ବର୍ମାଙ୍କ ପୁରୀ ତାମ୍ରଫଳକରେ ଥୋରଣ ବିଷୟ ରହିଛି। ବାଣପୁରରୁ ପ୍ରାପ୍ତ ୨ଟି ତାମ୍ରଫଳକ ମଧ୍ୟରୁ ଗୋଟିକରେ ଥୋରଣ ଲେଖା ରହିଛି। ସମୟକ୍ରମେ ଅନେକ ମୌଜା ବିଲୁପ୍ତ ହୋଇଥିବାବେଳେ କେତେକ ମୌଜା ଏବେ ମଧ୍ୟ ପ୍ରଚଳିତ। ବାଣପୁରରୁ ପ୍ରାପ୍ତ ତାମ୍ରଫଳକଟି ଏହାର ଗୁରୁତ୍ୱ ବହନ କରେ। ପ୍ରାୟ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ 'ସୋରଣ'ର ନାମ 'ଥୋରଣ' ଥିଲା। ସୋରଣଗଡ଼ର ବ୍ରହ୍ମେଶ୍ୱର ମନ୍ଦିର ପାର୍ଶ୍ୱରେ ଥିବା ପ୍ରାଚୀନ ଉମାମହେଶ୍ୱର, କାର୍ତ୍ତିକେୟ, ଗଣେଶ ଆଦି ମୂର୍ତ୍ତି ୭ମରୁ ୮ମ ଶତାବ୍ଦୀର ହୋଇଥାଇପାରେ। ସେହିପରି ସୋରଣ ମୌଜାର ଐଶାନ୍ୟକୋଣରେ ଏକ ଆମ୍ରବାଟିକାଯୁକ୍ତ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ମା' ଭଗବତୀ ମନ୍ଦିର ରହିଥିଲା। ସେ ସମୟରେ ଭୌମକର ଶାସନକାଳରେ ତନ୍ତ୍ର ଉପାସନା ପ୍ରଚଳିତ ଥିଲା।

ଗବେଷକ ହରିଶ୍ଚନ୍ଦ୍ର ଦାସ ତାଙ୍କର ଏକ ନିବନ୍ଧରେ ଉଲ୍ଲେଖ କରିଛନ୍ତି-ଚିଲିକା ଅଞ୍ଚଳର ସୋରଣ ଏକ ପୁରାତନ ଗ୍ରାମ। ଏଠାରେ ବାସକରୁଥିବା କୈବର୍ତ୍ତମାନଙ୍କ ଶ୍ରେଣୀବିଭାଜନ ସମ୍ପର୍କରେ ବି ଉଲ୍ଲେଖ ରହିଛି। ଦିଗମ୍ବର ଶ୍ରୀଚନ୍ଦନଙ୍କ 'ଖୋର୍ଦ୍ଧା ଦର୍ପଣ'ପୁସ୍ତକରୁ ଜଣାପଡ଼େ ଯେ, ରାଜାଙ୍କୁ ଶାସନକାର୍ଯ୍ୟରେ ସହଯୋଗ କରିବା ପାଇଁ ଗଡ଼ର ମୁଖ୍ୟ ଥିଲେ ଦଳବେହେରା। ସେମାନଙ୍କ ଡାକରାରେ ପାଇକମାନେ ଆସୁଥିଲେ। ସେମାନଙ୍କର ବିଭିନ୍ନ ସାଙ୍ଗିଆ, ପଦବୀ ଓ ଉପାଧି ରହିଛି। ସୋରଣଗଡ଼ର ଦଳବେହେରାଙ୍କ ବଂଶରେ ଗୌରାଙ୍ଗ ନରେନ୍ଦ୍ର ନାମରେ ଜଣେ ଦୀର୍ଘକାୟ ବଳିଷ୍ଠ ଚେହେରାଯୁକ୍ତ ବ୍ୟକ୍ତି ଥିଲେ ଯେ କି ଖୋର୍ଦ୍ଧାର ତତ୍କାଳୀନ ଗୋରା ସାହେବ ମି. ଡବ୍ଲ୍ୟୁସି ଟେଲରଙ୍କୁ ପ୍ରଭାବିତ କରିଥିଲେ। ସୋରଣଗଡ଼ରେ ବ୍ରାହ୍ମଣ, ମାନଧାତା, ଦଳେଇ, ପାଇକରାୟ, ଜୟସିଂହ, କୋଠକରଣ, ପ୍ରଧାନ, କୈବର୍ତ୍ତ, ଗୁଡ଼ିଆ, ମହାନ୍ତି, ଜେନା, ବାରିକ ଆଦି ବିଭିନ୍ନ ବଂଶର ସାଙ୍ଗିଆ ପ୍ରଚଳିତ। ଖୋର୍ଦ୍ଧା ଭୋଇବଂଶର ଗଜପତି ନରସିଂହ ଦେବଙ୍କ ଶାସନର ୨ବର୍ଷ ପରେ ମଙ୍ଗଳାଯୋଡ଼ିଠାରେ ହିନ୍ଦୁ ବିଦ୍ୱେଷୀ କଟକ ସୁବେଦାର ଅହମ୍ମଦ ବେଗଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧରେ ଓଡ଼ିଆ ପାଇକମାନେ ଅହମ୍ମଦ ବେଗଙ୍କୁ ଘେରାଉ କରିଥିଲେ। ଏଥିରେ ସୋରଣଗଡ଼ର ପାଇକମାନେ ସାମିଲ ଥିଲେ। ଏହା ମାଦଳାପାଞ୍ଜିରୁ ପ୍ରମାଣ ମିଳେ।

ସେହିପରି କେଦାରନାଥ ମହାପାତ୍ରଙ୍କ ଖୋରଧା ଇତିହାସରୁ ଜଣାପଡ଼େ ଖୋର୍ଦ୍ଧା ରାଜାଙ୍କ ଅଧିକାରଭୁକ୍ତ ଥିବା ରାଜା ମାନସିଂହଙ୍କ ବନ୍ଦୋବସ୍ତ ଦ୍ୱାରା ମୋଗଲ ବାଦ୍‌ସାହଙ୍କ ସର୍ତ୍ତରେ ଉପଭୋଗ କରୁଥିବା ଜମିଦାରିଗୁଡ଼ିକର ଯେଉଁ ସୀମା ଥିଲା, ଏଥିରେ ଖୋରଧା ରାଜ୍ୟର ୭୩ଟି ଜିଲା ବା ଗଡ଼ ଥିଲା, ସେଥିରେ ସୋରଣଗଡ଼ ଅନ୍ୟତମ। ପୁଣି ୨୯ଟି ଜମିଦାରି ମଧ୍ୟରେ ହିନ୍ଦୁ ସର୍ଦ୍ଦାରମାନେ ଶାସନ କରୁଥିଲେ। ସେଥିମଧ୍ୟରେ ବାଣପୁର ଅଧୀନ ସୋରଣ, କୁହୁଡ଼ି, ବଙ୍କାଡ଼ଗଡ଼, ପାରିକୁଦ, ଛତ୍ରଗଡ଼ ଅନ୍ତର୍ଭୂକ୍ତ। ଗଜପତି ରାମଚନ୍ଦ୍ର ଦେବଙ୍କ ଶାସିତ ୧୨୯ଟି ଗଡ଼ ବା ଜିଲା ମଧ୍ୟରେ ସୋରଣଗଡ଼ର ପରିଚିତି ଥିଲା। ୧୮୧୭ ପାଇକ ବିଦ୍ରୋହରେ ଏହି ଅଞ୍ଚଳର ପାଇକମାନେ ଇଂରେଜମାନଙ୍କ ସହ ଯୁଦ୍ଧ କରିଥିଲେ। ବୀର ଯୋଦ୍ଧାମାନେ ରଣକୌଶଳ ଅଭ୍ୟାସ ପାଇଁ ସୋରଣ ଘୋଡ଼ାଦୌଡ଼ ନାଁରେ ଏକ ସ୍ଥାନ ରହିଥିବା ଲୋକମୁଖରୁ ଜଣାପଡ଼େ। ସୋରଣର ଉପମୌଜା ଥିବା ଭଗବତୀପୁର, ମାନସିଂହପୁର ଏବେ ସମୟକ୍ରମେ ସୋରଣ ଓ ମାନସିଂହପୁର ଦୁଇଟି ଗ୍ରାମ ପଞ୍ଚାୟତ ହୋଇଛି। ସୋରଣ ଚିଲିକାପେଣ୍ଠର ଏକ ପୁରୁଣା ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ଭାବେ ମଧ ପରିଚିୟ ଥିଲା। ଆଉ ଏବେ ବି ରହିଛି।

-ବନବିହାରୀ ବେହେରା



# ଭିତରକନିକା ଜାତୀୟ ଉଦ୍ୟାନ





**ଶୀତ ଋତୁଟି ପର୍ଯ୍ୟଟନର ଋତୁ, ଆଉ ଆମ ରାଜ୍ୟ ଓଡ଼ିଶା ଭାରତ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଓଡ଼ିଶାର ନଦ, ନଦୀ, ହ୍ରଦ ହେଉ ବା ବଣ, ପାହାଡ ଘେରା ଗାଁ ହେଉ, ସବୁଠାରୁ ସ୍ୱତନ୍ତ୍ର ଏହାର ପ୍ରାକୃତିକ ପରିବେଶ। ଏଠାକାର କଳାସଂସ୍କୃତି ସହିତ ପ୍ରକୃତିର ସେହି ଅପରୂପ ସୌନ୍ଦର୍ଯ୍ୟମୟ ପରିବେଶ ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ ଓଡ଼ିଶା ଆଡକୁ...**

ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାମାନଙ୍କରେ ନଦୀ ଓ ସାଗରର ମିଳନ ସ୍ଥଳ ବା ମୁହାଣମାନଙ୍କରେ ରହିଛି ଅସଂଖ୍ୟ ଉଦ୍ଭିଦ ଏବଂ ପ୍ରାଣୀ ଉଦ୍ୟାନ ; ଯାହା ବିଶ୍ୱରେ ଅନ୍ୟ ସ୍ଥାନରେ ପ୍ରାୟତଃ ଦେଖିବାକୁ ମିଳେନାହିଁ। ତନ୍ମଧ୍ୟରୁ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ଶେଷ ପ୍ରାନ୍ତରେ ଥିବା ବଙ୍ଗୋପସାଗର ତଟ ସଲଗ୍ନ ଭିତରକନିକା ଜାତୀୟ ଉଦ୍ୟାନଟି ସମଗ୍ର ଦେଶର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଭାବରେ ସୁପରିଚିତ। ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଭଳି ତିନୋଟି ବୃହତ ନଦୀର ମିଳନ ସ୍ଥଳୀ ହେତୁ ଏହି ତ୍ରିକୋଣଭୂମିର ପ୍ରାକୃତିକ ପରିତନ୍ତ୍ର (ଇକୋ ସିଷ୍ଟମ)ରେ ବଡ଼ ବଡ଼ ଖାଡ଼ି (ନଦୀ ବାଲି ମଝିରେ ମଝିରେ ଗଭୀର ଜଳଧାର), ହେନ୍ତାଳ, କୋରୁଆ, ବନି ଭଳି ବିଭିନ୍ନ ପ୍ରଜାତିର ଗହଳିଆ ବଡ଼ ବଡ଼ ଗଛ, ନୀଳକଣ୍ଠ, ମାଛରଙ୍କା, ଶଙ୍ଖଚିଲ, ସି-ଇଗଲ୍, କାଠହଣା, ଭଳି ଦେଶୀ ବିଦେଶୀ ପକ୍ଷୀ, ହରିଣ, ମାଙ୍କଡ଼, ସମ୍ବର, କୁଟୁରା, ଠେକୁଆ, ବଣଭାଲୁ ଭଳି ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ, ନାଗ, ଅହିରାଜ, ଅଜଗର ଭଳି ବିଭିନ୍ନ ପ୍ରଜାତିର ବିଷାକ୍ତ ଅବିଷାକ୍ତ ସରୀସୃପ ଏବଂ ବିରଳ ପ୍ରଜାତିର କୁମ୍ଭୀର, କଙ୍କଡା, କଇଁଛମାନଙ୍କର ଆବାସସ୍ଥଳୀ ଏହାକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି।

୧୯୭୫ ମସିହାରେ ପ୍ରାୟ ୬୭୨ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଏଠାରେ ପ୍ରଥମେ ଏକ ବନ୍ୟଜୀବ ଅଭୟାରଣ୍ୟ ଗଢି ଉଠିଥିଲା। ପରେ ୧୯୯୮ରେ ତନ୍ମଧ୍ୟରୁ ପ୍ରାୟ ୧୪୫ ବର୍ଗ କି.ମି ଅଞ୍ଚଳକୁ ଜାତୀୟ ଉଦ୍ୟାନ ଘୋଷିତ କରାଗଲା। ଆଉ ୨୦୦୨ ମସିହାରେ ଏହାକୁ ଆନ୍ତର୍ଜାତିକ ଆର୍ଦ୍ରଭୂମି ଭାବେ ଘୋଷଣା କରାଯାଇଥିଲା। ଏହାର ପୂର୍ବରେ ଗହୀରମଥା ବେଳାଭୂମି ଅଛି ; ଯାହା ବଙ୍ଗୋପସାଗରରୁ ହେନ୍ତାଳ ବଣକୁ ଅଲଗା କରିଥାଏ। ଗହୀରମଥାରେ ବିରଳ ପ୍ରଜାତିର ଅଲିଭ ରିଡ଼ଲେ କଇଁଛ ଅଣ୍ଡା ଦେବାପାଇଁ ଆସନ୍ତି ଏବଂ ସେଠାରେ ସେମାନଙ୍କର ଏକ ସୁନ୍ଦର କଇଁଛ ପ୍ରଜନନ କେନ୍ଦ୍ର ରହିଛି। ଏଠାକୁ ଯିବାକୁ ହେଲେ ସଡ଼କପଥରେ କଟକ କିମ୍ବା ଭୁବନେଶ୍ୱରରୁ ସିଧା ବସ କିମ୍ବା କାର୍ ଧରି ଯାଇହୁଏ। ଏଠାରେ ପହଞ୍ଚିବା ପାଇଁ ଭଦ୍ରକ ଜିଲାର ଚାନ୍ଦବାଲି ଓ ଧାମରାଠାରୁ ମଧ୍ୟ ମୋଟର ବୋଟ ଯୋଗେ ଯିବାର ସୁବିଧା ରହିଛି। କେନ୍ଦ୍ରାପଡ଼ାରୁ ପଟ୍ଟାମୁଣ୍ଡାଇ ଦେଇ ରାଜନଗରରେ ପହଞ୍ଚିଲେ, ସେଠାରୁ ବିଭିନ୍ନ ଟୁରିଷ୍ଟ ଗାଡ଼ି ଚାଲିଛି ଅଭୟାରଣ୍ୟ ପର୍ଯ୍ୟନ୍ତ। ସେଠାରେ ଗୁପ୍ତି ଏବଂ ଖୋଲା ବୋଲି ଦୁଇଟି ଏଣ୍ଟ୍ରି ପଏଣ୍ଟ ରହିଛି। ଖୋଲା ଏଣ୍ଟ୍ରି ପଏଣ୍ଟରେ ଅନେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ରହିଛି ପର୍ଯ୍ୟଟକମାନଙ୍କ ଖାଇବା ପିଇବାର ସୁବିଧା ପାଇଁ। ଖୋଲା ଏଣ୍ଟ୍ରି ପଏଣ୍ଟରୁ ଭିତରକନିକା ଅଭୟାରଣ୍ୟକୁ ଯିବା ପାଇଁ ସରକାରୀ ଏବଂ ବେସରକାରୀ ବୋଟ କେନ୍ଦ୍ର ରହିଛି। ପର୍ଯ୍ୟଟକଙ୍କୁ ନିଜ ପକେଟକୁ ଦେଖି ଯନ୍ତ୍ରଚାଳିତ ବୋଟ କିମ୍ବା ସ୍ପିଡ ବୋଟ ଧରି ନଦୀପଥରେ ଯିବାକୁ ପଡ଼େ ପ୍ରାୟ ବାର କି.ମି। ତା'ପରେ ରହିଛି କୁମ୍ଭୀର ପ୍ରଜନନ କେନ୍ଦ୍ର ଓ ମ୍ୟୁଜିୟମ ଏବଂ ସୁନ୍ଦର ସୁନ୍ଦର ରିସର୍ଟ କେତୋଟି। ପର୍ଯ୍ୟଟକମାନେ ବୋଟରୁ ଓହ୍ଲାଇ ଜଙ୍ଗଲ ଭିତରକୁ ଯିବା ଆସିବା ପାଇଁ ସ୍ୱତନ୍ତ୍ର ବ୍ୟାଟେରୀ ଚାଳିତ ଗାଡ଼ି ରହିଛି, ସେଠାରେ ନିର୍ଦ୍ଧାରିତ ଦେୟ ପୈଠ କରି ଯିବା ଆସିବା କରିବାକୁ ହୁଏ। ମ୍ୟୁଜିୟମର ସାମନାପଟ ଦେଇ ସେଠାକୁ ଯିବା ପାଇଁ ଅନ୍ୟ ଗୋଟିଏ ରାସ୍ତା ମଧ୍ୟ ରହିଛି।

ଭିତରକନିକା ଅଭୟାରଣ୍ୟର ଜୈବ ବିବିଧତା ମଧ୍ୟରେ ପ୍ରାୟ ୬୩ ପ୍ରକାର ଲୁଣା ଜଙ୍ଗଲି ହେନ୍ତାଳ, ନିମ୍ବ ଭଳି ଗଛ, ପ୍ରାୟ ୩୨୨ପ୍ରକାର ପକ୍ଷୀ (ମାଛରଙ୍କା, ଗେନ୍ଦାଖିଆ, ବଣୀ, ବଗ, କାଠହଣା) ସରୀସୃପ ମଧ୍ୟରେ ଅହିରାଜ, ଅଜଗର, ତମ୍ପ ଭଳି ସାପ, ବଉଳା କୁମ୍ଭୀର (ପ୍ରାୟ ୧୮ଶହରୁ ଉର୍ଦ୍ଧ୍ୱ), ସାମୁଦ୍ରିକ ଗୋଧି ଓ ସାପ, ଭେକଟି, ଚାନ୍ଦି, ବାଳିଆ, ଚିତଳ, ଖଇଙ୍ଗା, ଇଲିସି, ଚିଙ୍ଗୁଡ଼ି ଭଳି ମାଛ ପ୍ରଚୁର ଏଠି ଦେଖିବାକୁ ମିଳେ। ଏହାବ୍ୟତୀତ ମାଙ୍କଡ଼, ହରିଣ, ସମ୍ବର, ବାରହା, ବଣ ମଇଁଷି, ହେଟା, ବିଲୁଆ, ବଣ କୁକୁଡ଼ା ଇତ୍ୟାଦି ମଧ୍ୟ ଏଠାରେ ଦେଖାଯାଏ। ଭିତରକନିକା ଜାତୀୟ ଉଦ୍ୟାନ ତଥ୍ୟରୁ ଜଣାଯାଏ ଯେ, ଏଠାରେ ବିରଳ ପ୍ରଜାତିର ଧଳା ରଙ୍ଗର କୁମ୍ଭୀର ବି ଦେଖାଯାଏ, ଯାହା ବିଶ୍ୱର ଏକ ବିରଳ ପ୍ରଜାତି। ଏଠାରେ ଥିବା ସବୁଠାରୁ ଲମ୍ବା ଧଳା ରଙ୍ଗ କୁମ୍ଭୀରର ନାମ ଗୋରୀ ଏବଂ ସବୁଠାରୁ ବଡ଼ କଳା ରଙ୍ଗ କୁମ୍ଭୀରର ନାମ କାଳିଆ ଡନ୍। ଏକ ଫୁଟ ଲମ୍ବରୁ ଆରମ୍ଭ କରି କୋଡ଼ିଏ, ପଚିଶି ଫୁଟ ଲମ୍ବର କୁମ୍ଭୀରମାନଙ୍କୁ ଏଠି ବୁଲିବା ସମୟରେ ଦେଖି ହୁଏ।





ନଦୀରେ ବୋଟ ଯୋଗେ ଯାଉଥିବା ସମୟରେ ଦୂରରେ ନଦୀକୂଳିଆ ବାଲିରେ ଶୋଇଥିବା ବିଶାଳ କୁମ୍ଭୀରମାନଙ୍କୁ ଦେଖିବା ସହ ଧାଡ଼ି ଧାଡ଼ି ହୋଇ ରହିଥିବା ହେନ୍ତାଳ ଗଛରେ ବସିଥିବା ସୁନ୍ଦର ପକ୍ଷୀମାନଙ୍କ ଦୃଶ୍ୟ ଏଠି ବେଶ୍ ମନୋରମ ଲାଗେ। ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ସହିତ ନଦୀର କୁଲୁକୁଲୁ ଶବ୍ଦ ମିଶି ମନରେ ଆନନ୍ଦ ଆଣେ। ସେହିପରି କୁମ୍ଭୀର ପ୍ରଜନନ କେନ୍ଦ୍ର ଏବଂ ମ୍ୟୁଜିୟମ ବୁଲିବା ବି ଏଠି ନିଆରା ଆନନ୍ଦ ଦିଏ। କୁମ୍ଭୀର ପ୍ରଜନନ କେନ୍ଦ୍ରରେ କୁମ୍ଭୀର ଅଣ୍ଡା ଦେବା ଠାରୁ ଆରମ୍ଭ କରି ଛୁଆରୁ ବଡ ସବୁ ରକମର କୁମ୍ଭୀର ଭିନ୍ନ ଭିନ୍ନ କୁଣ୍ଡମାନଙ୍କରେ ରହିଛନ୍ତି ଜାଲି ଯୁକ୍ତ ସ୍ୱତନ୍ତ୍ର କୋଠରୀରେ। ଆଉ ସେଥିରେ ସେମାନଙ୍କର ପ୍ରଜାତି, ବୟସ ଇତ୍ୟାଦି ଲେଖା ରହିଛି। ସେହିପରି ମ୍ୟୁଜିୟମରେ ବିଭିନ୍ନ ପ୍ରଜାତିର ସାପ, କୁମ୍ଭୀର କଙ୍କାଳ, ଅଲିଭ ରିଡ଼ଲେ କଇଁଛଙ୍କ ଖୋଳପା କାଚଘର ମଧ୍ୟରେ ସଜା ସଜି ହୋଇ ରହିଛି, ସେସବୁ ଦେଖିଲେ ଖୁବ୍ ଭଲ ଲାଗେ। ଏହାଛଡ଼ା ମାଙ୍କଡ଼ମାନଙ୍କ ଡିଆଁ କୁଦା, ଦଳଦଳ ହରିଣମାନଙ୍କ ଚରାବୁଲା ଦେଖି ମନ ଏଠି ଆନନ୍ଦରେ ନାଚି ଉଠେ।

ଏଠାରେ ଜଙ୍ଗଲ ମଧ୍ୟରେ ସରକାରଙ୍କ ତରଫରୁ ଅନେକ ରିସର୍ଟ ମଧ୍ୟ ରହିଛି ପର୍ଯ୍ୟଟକଙ୍କ ରାତ୍ରୀଯାପନ କରିବା ପାଇଁ। ପର୍ଯ୍ୟଟକମାନେ ନିଜ ନିଜର ସୁବିଧା ଅନୁଯାୟୀ ଏଠାରେ ରହି ପାରିବେ। ଅଭୟାରଣ୍ୟ ମଧ୍ୟକୁ ଯିବାର ସମୟ ସକାଳ ଛଅଟାରୁ ଆରମ୍ଭ ହୋଇ ଦିନ ଦୁଇଟା ପର୍ଯ୍ୟନ୍ତ ରହିଛି ଏବଂ ସେପଟରୁ ବୋଟ ଫେରିବାର ସମୟ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ। ନିର୍ଦ୍ଧାରିତ ସମୟ ପରେ ଆଉ କୌଣସି ବୋଟକୁ ଯିବା ଆସିବାକୁ ଅନୁମତି ମିଳେନାହିଁ। ମେ' ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ପ୍ରାୟତଃ ବନ୍ଦ ରହେ। ଭିତରକନିକା ଜାତୀୟ ଉଦ୍ୟାନକୁ ବୁଲି ଯିବାର ପ୍ରକୃଷ୍ଟ ସମୟ ନଭେମ୍ବର ମାସରୁ ମାର୍ଚ୍ଚ ମାସ।

**-ସୁଷମା ପରିଜା**
*ଶାରଳା ଭବନ, ପୋତା ପୋଖରୀ, କଟକ-୪*
*ମୋ: ୯୩୩୭୨୭୨୬୪୭*










# କୁକୁର ଗୋଡ଼ାଇବା ପଛର କାରଣ




ସମସ୍ତେ ଜାଣନ୍ତି କୁକୁର ଏକ ବିଶ୍ୱସ୍ତ ପ୍ରାଣୀ । ଏମାନେ ମଣିଷଙ୍କ ସହ ବହୁତ ଭଲରେ ରୁହନ୍ତି । ହେଲେ ଅନେକ ସମୟରେ ଦେଖିଥିବେ ରାସ୍ତାରେ ବାଇକ ଅବା କାର୍ ଯାଉଥିବା ସମୟରେ ଗଳିର କିଛି କୁକୁର ଗାଡି ପଛେ ପଛେ ଭୁକି ଭୁକି ଗୋଡାଇଥାନ୍ତି । ଫଳରେ ଗାଡି ଚାଳକ ଭୟରେ ସନ୍ତୁଳନ ହରାଇ ବସନ୍ତି ଓ ଦୁର୍ଘଟଣା ଘଟିଯାଏ । କୁକୁରଙ୍କର ଏଭଳି ବ୍ୟବହାର ପଛର କାରଣ ସମ୍ପର୍କରେ ଡଗ୍ ଏକ୍ସପର୍ଟ କୁହନ୍ତି, କୁକୁରଙ୍କର ଶତ୍ରୁତା ମଣିଷ ସହ ନ ଥାଏ । ବରଂ ଗାଡିର ଟାୟାରରେ ନିଜର ଗନ୍ଧ ଛାଡିଥିବା ଅନ୍ୟ କୁକୁର ସହ ଥାଏ । କୁକୁରଙ୍କ ଘ୍ରାଣଶକ୍ତି ତୀବ୍ର ହୋଇଥାଏ । ସେମାନେ ଅନ୍ୟ କୁକୁରର ଗନ୍ଧ ତୁରନ୍ତ ଜାଣି ଯାଆନ୍ତି । ବେଳେବେଳେ କିଛି କୁକୁର ଗାଡିର ଚକରେ ପରିସ୍ରା କରି ଦେଇଥାନ୍ତି । ଆଉ ସେଇ ଗାଡି ଯେବେ ଅନ୍ୟ କୌଣସି ସାହି, ଗଳିକୁ ଯାଏ, ସେଠାରେ ଥିବା କୁକୁର ଟାୟାରରେ ଥିବା ଅନ୍ୟ କୁକୁରର ଗନ୍ଧକୁ ବାରି ଦିଅନ୍ତି । ଆଉ ଭାବନ୍ତି ତାଙ୍କ ଏରିଆକୁ କୌଣସି ନୂଆ କୁକୁର ଆସି ଯାଇଛି । ତେଣୁ ସେଠାକାର କୁକୁର ମେଳି ହୋଇ ଗାଡି ପଛେ ପଛେ କାମୁଡି ଗୋଡାନ୍ତି । ବିଶେଷଜ୍ଞଙ୍କ ମତରେ ଏଭଳି କ୍ଷେତ୍ରରେ ଡରିଯାଇ ତୀବ୍ର ଗତିରେ ଗାଡି ନ ଚଳାଇ ବରଂ କିଛି ସମୟ ସ୍ଥିର ରହିଯିବା ଭଲ । ଯେମିତିକି କୁକୁରମାନେ ଜାଣିପାରିବେ ଯେ ତାଙ୍କ ଅଞ୍ଚଳକୁ ଅନ୍ୟ କୌଣସି କୁକୁର ପ୍ରବେଶ କରି ନାହିଁ ।

ଏହାବାଦ ପାର୍କରେ ଯାଉଥିବାବେଳେ ହେଉ କି ରାସ୍ତାରେ ଗଲାବେଳେ କିଛି ପୋଷାକୁକୁର ବି ହଠାତ୍ ଖୁବ୍ ଜୋର୍‌ରେ ଭୁକି ଲୋକଙ୍କୁ ଗୋଡାଇ ଥାଆନ୍ତି । ଏହା ପଛରେ ବି ଅନେକ କାରଣ ରହିଥାଏ ବୋଲି ବିଶେଷଜ୍ଞ ମତ ଦିଅନ୍ତି । ଏଇ ଯେମିତି–

**କୁକୁରଙ୍କ ଆଞ୍ଚଳିକ ମନୋଭାବ:** କୁକୁରମାନେ ସ୍ୱଭାବରେ ପ୍ରାଦେଶିକ ବା ଆଞ୍ଚଳିକ । ନିଜ ଅଞ୍ଚଳରେ ଅନ୍ୟର ଉପସ୍ଥିତିକୁ ଏମାନେ ସହ୍ୟ କରିପାରନ୍ତି ନାହିଁ । ତେଣୁ ନିଜ କ୍ଷେତ୍ରକୁ ସୁରକ୍ଷା ଦେବାର ପ୍ରୟାସରେ ସେମାନେ ଦାନ୍ତ ଦେଖାଇବା, ଗର୍ଜନ କରିବା ସହ ଲୋକଙ୍କୁ କାମୁଡ଼ି ଗୋଡ଼ାନ୍ତି ।

**ସ୍ୱାଭାବିକ ପ୍ରବୃତ୍ତି:** କିଛି କୁକୁର ଭିତରେ ଅନ୍ୟକୁ ଗୋଡାଇବାର ତୀବ୍ର ଆନ୍ତରିକ ଇଚ୍ଛା ଥାଏ, ଯାହାକି ସେମାନଙ୍କ ପୂର୍ବଜଙ୍କଠାରୁ ଆସିଥାଏ । କହିବାକୁଗଲେ ଏହା ତାଙ୍କର ଏକ ସହଜାତ ପ୍ରବୃତ୍ତି । ଯେହେତୁ ଏହା କୁକୁରର ଏକ ସ୍ୱଭାବ, ତେଣୁ ଏହା ଆଦୌ ଶତ୍ରୁତାଭରା ବ୍ୟବହାର ନୁହେଁ, କି ସମସ୍ତେ ତା'ର ଶିକାର ନୁହନ୍ତି । ବରଂ କାହାକୁ ପିଛା କରିବାରେ କିଛି କୁକୁର ଅତ୍ୟନ୍ତ ଖୁସି ପାଆନ୍ତି ।

**ଖେଳୁଆଡ଼ ମନୋଭାବ:** କୁକୁରମାନେ ସ୍ୱଭାବରେ ଖେଳୁଆଡ଼ ହୋଇଥାନ୍ତି । କାହାକୁ ପିଛା କରିବା ତାଙ୍କ ଖେଳର ଏକ ଅଂଶ । ତେଣୁ କୁକୁରଙ୍କୁ ଟ୍ରେଣ୍ଡ୍ କରି ବୁଝାଇବା ଜରୁରୀ ଯେ, ଯେଉଁମାନେ ତାଙ୍କର ପିଛା କରିବାକୁ ପସନ୍ଦ କରନ୍ତି ନାହିଁ ତାଙ୍କୁ ଯେମିତି ସେମାନେ ଗୋଡାଇବେ ନାହିଁ ।

**ଚିନ୍ତା ଓ ଭୟ ପ୍ରତି ସମ୍ବେଦନଶୀଳତା:** କୁକୁରମାନେ ବି ମଣିଷଙ୍କ ଭଳି ଚିନ୍ତା ଓ ଭୟ ପ୍ରତି ସମ୍ବେଦନଶୀଳ ହୋଇଥାନ୍ତି । ଯଦି ସେମାନେ ଅସହଜ ଅବା ଭୟ ଅନୁଭବ କରନ୍ତି ଅତ୍ୟଧିକ ଭୁକିବା ସହ ଗୋଡାଇପାରନ୍ତି । ତେଣୁ ପୋଷା କୁକୁରଙ୍କ ଭୟ ଓ ଚିନ୍ତାର କାରଣକୁ ଚିହ୍ନି ତାକୁ କମାଇବା ଜରୁରୀ ।

**ପିଛା କରିବା ପ୍ରବୃତ୍ତିକୁ ବନ୍ଦ କରିବାର କିଛି ଟିପ୍ସ**

*ଆପଣଙ୍କ କୁକୁର କାହିଁକି ଲୋକଙ୍କ ପିଛା କରୁଛି ପ୍ରଥମେ ତା'ର କାରଣ ଜାଣିବା ଜରୁରୀ । ସେ ଖେଳିବା ପାଇଁ ପିଛା କରୁଛି ନା ନିଜ କ୍ଷେତ୍ରକୁ ଆସିବାକୁ ବାରଣ କରିବା ଲାଗି ଗୋଡାଉଛି । ଅଥବା ଭୟରେ ଏଭଳି କରୁଛି, ତାହା ଜାଣିବା ପରେ ତା' ବ୍ୟବହାରରେ ପରିବର୍ତ୍ତନ ଆଣିବା ଲାଗି ଚେଷ୍ଟା କରିବା ଜରୁରୀ ।

*ଆପଣଙ୍କ କୁକୁର ଯଦି ହଠାତ୍ କାହାକୁ ଗୋଡାଉଛି ସେହି ସମୟରେ ତା'ର ଧ୍ୟାନକୁ ଅନ୍ୟକିଛି କରିବାରେ କେନ୍ଦ୍ରିତ କରନ୍ତୁ । ଆଉ ଯଦି ସେ କଥାମାନି ତାହା କରୁଛି ତେବେ ତାକୁ ପୁରସ୍କୃତ କରନ୍ତୁ ଓ ପ୍ରଶଂସା କରନ୍ତୁ ।

*ନିୟମିତ ବ୍ୟାୟାମ କରାଇ କୁକୁରର ଏନର୍ଜି ଲେଭଲ୍ କମାଇ ବି କୁକୁରର ଲୋକଙ୍କୁ ଗୋଡାଇବା ଅଭ୍ୟାସ କମାଇ ହେବ ।

*ନିଜ କୁକୁରକୁ ଅଧିକରୁ ଅଧିକ ଲୋକ ଓ ପ୍ରାଣୀଙ୍କ ସଂସ୍ପର୍ଶରେ ଆଣନ୍ତୁ । ଫଳରେ ସେମାନେ ଅନ୍ୟମାନଙ୍କ ସହ ସହଜ ମନେ କରିବେ । ଆଉ ଲୋକଙ୍କୁ ଦେଖିଲେ ଗୋଡାଇବେ ନାହିଁ ।

*କୁକୁରକୁ ପୁରାପୁରି ଆଜ୍ଞାଧୀନ କରାନ୍ତୁ, ଯେମିତିକି ମନା କଲା ମାତ୍ରେ କଥା ଶୁଣୁଥିବ । ଫଳରେ ଯେବେ ସେ ପବ୍ଲିକ୍‌ରେ କାହାକୁ ଗୋଡାଇବ ଆପଣ ସଙ୍ଗେ ସଙ୍ଗେ ତାକୁ ଆୟତ୍ତକୁ ଆଣିପାରିବେ ।

*ପୋଷା କୁକୁରକୁ ଏନ୍‌ଗେଜ ଓ ଡିସ୍‌ଏନ୍‌ଗେଜ ଗେମ୍ ଶିଖାନ୍ତୁ । ଏହାଦ୍ୱାରା ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିବ ।

*ଯେହେତୁ ସବୁ କୁକୁର ପରସ୍ପରଠୁ ଭିନ୍ନ, ତେଣୁ ଗୋଟିଏ କୁକୁର କ୍ଷେତ୍ରରେ ଯେଉଁ ଟ୍ରିକ୍ କାମ କରିବ, ତାହା ଅନ୍ୟ କୁକୁର କ୍ଷେତ୍ରରେ କାମ ଦେଇ ନ ପାରେ । ତେଣୁ ନିଶ୍ଚିତ ହେବା ଜରୁରୀ ଯେ, କେଉଁ ଟ୍ରିକ୍‌ଟି ଆପଣଙ୍କ କୁକୁର କ୍ଷେତ୍ରରେ ପ୍ରଯୁଜ୍ୟ । ଯଦ୍ୱାରାକି ଅନ୍ୟକୁ କାମୁଡି ଗୋଡାଇବାବେଳେ ତାକୁ ରୋକି ହେବ ।

*ଯଦି ଯେତେ ଯାହା କଲେ ବି ଆପଣଙ୍କ କୁକୁରର ରାଗ ଶାନ୍ତ ହେଉ ନାହିଁ କି ଲୋକଙ୍କୁ କାମୁଡ଼ି ଗୋଡାଇବା ବ୍ୟବହାର କମୁନି, ତେବେ ପେସାଦାର ଟ୍ରେନର୍‌ଙ୍କ ସାହାଯ୍ୟ ନେଇପାରିବେ । ସେମାନେ ଆପଣଙ୍କ କୁକୁରର ବ୍ୟବହାର ଦେଖି କିଛି ସମାଧାନର ବାଟ ଦେଇପାରିବେ ।





# ଭୂତ କଣ୍ଢେଇ ସହ ରହୁଛନ୍ତି ମହିଳା



କଣ୍ଢେଇ ଆଖିରେ ଲୁହ ଚଳଚ୍ଚିତ୍ର ଯଦି ଦେଖିଥିବେ ଜାଣିଥିବେ କେମିତି ଏକ ଭୂତ ଦ୍ୱାରା କବଳିତ କଣ୍ଢେଇ, ଭୟର ଆତଙ୍କ ଖେଳାଇଥିଲା । ତେବେ ପ୍ରକୃତରେ ସେମିତି ଭୂତ କଣ୍ଢେଇ ଅଛି ନା ନାହିଁ ତା'ର ପ୍ରମାଣ ତ ମିଳି ନାହିଁ । ହେଲେ ପୃଥିବୀର ବିଭିନ୍ନ ସ୍ଥାନରେ ଭୂତ କଣ୍ଢେଇ ଥିବା କଥା କୁହାଯାଏ । ଜଣେ ମହିଳା ତ ଦାବି ବି କରନ୍ତି ଯେ, ସେ ଅନେକ ଭୂତ କଣ୍ଢେଇ ସହ ରହୁଛନ୍ତି । ଆମେରିକାର ଡିଜ୍ ନାମକ ଏହି ମହିଳା ଜଣେ ପାରାନର୍ମାଲ ଇନଭେଷ୍ଟିଗେଟର୍ । ତା'ସହ ତାଙ୍କର ସଉକ ହେଉଛି ହଣ୍ଟେଡ ସାମଗ୍ରୀ ସଂଗ୍ରହ କରିବା । ଗତ ପାଞ୍ଚ ବର୍ଷ ଭିତରେ ସେ ଅନେକ ଭୟଙ୍କର ଓ ରହସ୍ୟମୟ ବସ୍ତୁ ସଂଗ୍ରହ କରିଛନ୍ତି । ଏବେ ତାଙ୍କ ପାଖରେ ୫୪ଟି ଭୂତ କଣ୍ଢେଇ ଅଛି । ଯାହା ପାଇଁ ସେ ଏକ ଭିନ୍ନ କୋଠରି କରିଦେଇଛନ୍ତି । ଡିଜ୍ କୁହନ୍ତି ଏହି କଣ୍ଢେଇଗୁଡ଼ିକ ଅଜବ କାର୍ଯ୍ୟକଳାପ କରନ୍ତି । କେବେ କୋଠରି ଲାଇଟ୍ ଆପେ ଅନ୍ ଅଫ୍ ହୁଏ ତ କେବେ ଫ୍ରିଜ୍ ଖୋଲା ମିଳେ । ପୁଣି କେତେବେଳେ ଇଲେକ୍ଟ୍ରୋନିକ ଡିଭାଇସ୍ ଆପେ ଆପେ ଚାଲେ । ଡିଜ୍ କହନ୍ତି, 'ଏହି କଣ୍ଢେଇ ଅନେକ ସମୟରେ ନିଜ ମନ ପସନ୍ଦର ଗୀତ ବି ବଜାଇ ଦିଅନ୍ତି । କ୍ରିସ୍‌ମାସ୍ ସମୟରେ ତ ଏହି ଭୂତ କଣ୍ଢେଇ ଅଧିକ ଆକ୍ଟିଭ ହୋଇଯାଆନ୍ତି । ସଜାଇଥିବା ଜିନିଷ ବାରମ୍ବାର ତଳେ ପଡ଼ିଯାଏ । ତାକୁ ଉଠାଇ ସଜାଡ଼ ସଜାଡ଼ ପୁଣି ତଳେ ପଡ଼ିଯାଏ । ଭୂତ କଣ୍ଢେଇଙ୍କ ଦୁଷ୍ଟାମିକୁ ନିୟନ୍ତ୍ରଣରେ ରଖିବା ଲାଗି ମୁଁ କିଛି ନିୟମ ବି ଲାଗୁ କରିଛି । ଯେମିତିକି ଘରକୁ ଆସୁଥିବା ମଣିଷ ହୁଅନ୍ତୁ କି ପଶୁଙ୍କୁ ସେମାନେ କିଛି କ୍ଷତି ପହଞ୍ଚାଇବେ ନାହିଁ ।'



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# କର ମକର କରମ, ଅରଜ କର ଧରମ

ଜାନୁଆରୀ ଗୁଡ଼ିଉଡ଼ା ମାସ । ମୋ ଭଳି ଗୁଡ଼ି ଗୋଲରମାନଙ୍କ ପାଇଁ ଏହା କୌଣସି ଶାରଦୀୟ ଉତ୍ସବଠାରୁ କମ୍ ନୁହେଁ । ସଂକ୍ରାନ୍ତିର କିଛି ଦିନ ପୂର୍ବରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଏ ।
ଦୁର୍ଗାପୂଜା ବେଳେ କ୍ଷତ୍ରିୟମାନଙ୍କ ଅସ୍ତ୍ର ପୂଜା ହେଲା ଭଳି ଏଇ ଦୁଇଦିନ ପୂର୍ବରୁ ସକାଳୁ ଗାଧୋଇ ପାଧୋଇ ଶୁଦ୍ଧପୂତ ଭାବେ ମନ୍ଦିରରେ ତିଳକ ମାରି ମୁଁ ନଟେଇ ପୂଜା କଲି । କାଲି ରାତି ସୁଦ୍ଧା ସୂତା ବତୁରା କାମଟା ସରିଯାଇଥିଲା । ଆଜି ପାଗ ଖରାଟିଆ ହେଇଛି, ସୂତା ଶୁଖିବ । ତେବେ ଆଜିର ପ୍ରମୁଖ କାମ ହେଲା କାଚଗୁଣ୍ଡ ହେବ । ବୟସ୍କ ଗୋଲରଙ୍କ ଆଜି ଭାରି ଚାହିଦା ଥାଏ । ପାନ ବିଡି ଚା' ରେ ଆପ୍ୟାୟିତ କରି କାଚଗୁଣ୍ଡ ତାଙ୍କୁ ଦେଖେଇବାକୁ ପଡ଼େ । ପୋଖତ ଗୋଲର୍ କାଚଗୁଣ୍ଡରେ ହାତ ମାରି କହିଦେବେ ଆଉ ପାଲିସ ହେବ ନା ଏତିକି । ଗୁଡ଼ି ତ ସମସ୍ତେ ଉଡେଇଦେବେ । କିନ୍ତୁ ସୂତାରେ ମାଞ୍ଜା ଦେବା କେବଳ ଅଭିଜ୍ଞ ଲୋକ ହିଁ ପାରିବ । ମାଞ୍ଜାର ସବୁଠୁ ମୁଖ୍ୟ ହେଲା କାଚଗୁଣ୍ଡ ଓ ସୂତାରେ ପାଲିସ ଧରିବା । କେବଳ ବାର୍ ଲାଇଟ କାଚ ଏଥିପାଇଁ ସର୍ବୋତ୍ତମ । ବୋତଲ କାଚ କେବଳ ଭାଗ ମାପ ଠିକ୍ କରିବା ପାଇଁ ମିଶାହେବ । ସେଥିପାଇଁ ଯେତେ ଲୋକଙ୍କ ଘର ବାହାରେ ମାନେ ଦାଣ୍ଡ ପଟକୁ ଇଲେକ୍ଟ୍ରିକ ବଲ୍ବ ଲାଗିଥିଲା ଆଜି ସକାଳୁ ସେ ସବୁ ଉଭାନ । ଅବଶ୍ୟ ମୋ ଭଳି କିଛି ଜାଣିବା ଲୋକ ଆଗରୁ ପହଞ୍ଚି ଜାଗାରେ ଲାଗିଥିବା ସବୁ ବଲ୍ବ ଖୋଲି ଦେଇଛନ୍ତି ।

ଗଲା କାଲି କାଚଗୁଣ୍ଡ ତିଆରି ସରିଯାଇଥିଲା । ରେଜାଟା କାଚକୁ ବହେ ଛେଚିଛି । ଗୁଣ୍ଡ ଠିକ୍ ହେଲା ଭଳି ଲାଗୁଛି । ଆଜି ଅଠା ରନ୍ଧା ହେବା ସହ ମାଞ୍ଜା ପଡିବା କଥା । ଶିରୀଷ ଅଠା, ଅରାରୁଟ, ନୂଆ ମାଟି ହାଣ୍ଡି, ସୂତା କାଲିଠୁ କିଣା ସରିଛି । ବ୍ଲାକ ହର୍ଷ ବ୍ରାଣ୍ଡର ସୂତା ଆଉ ଆସୁନି । ପୂରା ଚୌଧୁରୀ ବଜାର ଘାଣ୍ଟିଲି ସବୁ ଆଡେ ଚାଇନା ସୂତା । ସରକାର ସେ ସୂତାର ବିକ୍ରିକୁ ନିଷିଦ୍ଧ କରିଛନ୍ତି ତଥାପି ବଜାରରେ ସୂତା ବେଧଡକ ବିକ୍ରି ଚାଲିଛି । ଏଇ ଚାଇନା ସୂତା ଯୋଗୁ କେତେ ଯେ ଜୀବନ ଗଲାଣି ତଥାପି ଲୋକେ ମାନୁ ନାହାନ୍ତି । ଯାହାହେଉ ଶେଷରେ ନନା ଦୋକାନରୁ ବ୍ଲାକ ହର୍ଷ ସୂତା ଅଳ୍ପ ଅଧିକା ଦେଇ ପାଇଗଲି ।

କାଲି ରାତିରୁ ମାଟି ହାଣ୍ଡିଟା ପାଣିରେ ବୁଡ଼େଇ ଥିଲି । ନ ହେଲେ ଅଠା ରାନ୍ଧିଲା ବେଳକୁ ପାଣି ସବୁ ଶୋଷି ନେବ । ଅଠା ବେଶି ବହଳିଆ କି ବେଶି ପାଣିଆ ହେବ ନାହିଁ । ପ୍ରଥମେ ତିନିଟା ଇଟା ରଖି ଚୁଲି କରାହେବ । କିରାସିନ, ଦିଆସିଲି, ପାଞ୍ଚ ବିଡା ହୋମ କାଠ ଆଉ ଚାରି ପାଞ୍ଚ ମଗ ପାଣି ହାତ ପାଖରେ ରଖିବା ପରେ ହାଣ୍ଡି ଚୁଲିରେ ବସିବ । ପାଣି ନଖ ଉଷୁମ ହେବା ପରେ ଶିରୀଷ ଖଣ୍ଡ ପକା ହେବ । ଶିରୀଷ ଖଣ୍ଡ ଟିକେ ବତୁରି ଗଲାପରେ କାଠିରେ ତାକୁ ଅନବରତ ଘାଣ୍ଟିବାକୁ ପଡିବ । ମଝିରେ ମଝିରେ ଭାତ ରାନ୍ଧିଲା ବେଳେ ଭାତ ଚିପି ଦେଖିଲା ଭଳି ଅଠାକୁ ପରୀକ୍ଷା କରୁଥିବ ଆଉ ଆବଶ୍ୟକତା ଅନୁସାରେ ପାଣି ଦେଉଥିବ । ଶେଷରେ ଅରାରୁଟ ପକେଇ ଘାଣ୍ଟିବ । ଅଠା ଦର ପାଣିଆ ଥିବା ବେଳେ ଚୁଲିରୁ ଓହ୍ଲେଇ ଦେବ । ଏପଟେ ମାଞ୍ଜା ଦେବା ପାଇଁ ଅତି କମ୍‌ରେ ଛଅ ଜଣ ଦରକାର । ଯେଉଁ ନିମନ୍ତ୍ରିତ ବନ୍ଧୁମାନେ ଏଥିପାଇଁ ଡକା ହୋଇଥିବେ ସେମାନଙ୍କୁ ଚା' ଜଳଖିଆ ଦେଇ ବସେଇଥିବ ଯଦି କିଏ ପଳେଇଲା ତେବେ କଥା ସରିଲା । ଅଠା ଥଣ୍ଡା ହେବା ପୂର୍ବରୁ କାମ ଆରମ୍ଭ ହେବା ଦରକାର । ଏବେତ ପ୍ରଚୁର ପାନ, ଜଣ ପିଛା ଗୋଟେ ଲେଖା ମିନେରାଲ ପାଣି ବୋତଲ ଆଉ ଡିଜେ ସାଉଣ୍ଡ ବକ୍ସ ନ ଥିଲେ ଲୋକ ମିଳୁନହାନ୍ତି । ପାଠକେ ଆପଣ ଆଗକୁ ପଢୁଥାନ୍ତୁ ଅଠା ପାଗେଇ ଆସିଲାଣି, ରହୁଛି ।

ଗୁଡି ଉଡ଼ାର ପ୍ରଥମ ଟ୍ରେନିଂ ହେଲା କଟା ଗୁଡି ଧରିବା । ପଠାଣି ସାମନ୍ତ



ଦୁଇଖଣ୍ଡ କାଠିରେ ପାହାଡ଼ର ଉଚ୍ଚତା ମାପି ପାରିଲା ଭଳି ଗୁଡି ଧରାଳି ପବନର ଗତି ଓ ଉଡୁଥିବା କଟା ଗୁଡିର ଉଚ୍ଚତାକୁ ଦେଖି ଠିକ୍ କହିଦେବେ କେତେଦୂରରେ ଗୁଡି ପଡିବ । ଲୋକେ ସିନା ଏମାନଙ୍କୁ ଗୁଡି ଗୋଲର କହି ହସରେ ଉଡ଼େଇ ଦିଅନ୍ତି ନଚେତ ଏମାନଙ୍କ ବୁଦ୍ଧି କେଉଁ ପଠାଣି ସାମନ୍ତଙ୍କଠାରୁ କମ୍ ନୁହେଁ ।

ଜଣେ ପୋଖତ ଗୁଡି ଗୋଲର ହେବାକୁ ବିଭିନ୍ନ ସୋପାନ ଦେଇ ଯିବାକୁ ହୁଏ । ପ୍ରଥମେ ନଗି ଆଗରେ ଶୁଖିଲା ଝାଟି ଗଛଟିଏ ବାନ୍ଧି କଟା ଗୁଡି ପଛରେ ଗୋଡେଇବ । ତା'ପରେ ଲଟେଇରେ ସୂତା ଗୁଡ଼େଇବ । ଗୁଡିର ବିଭିନ୍ନ ପ୍ରକାର ଭେଦ ଓ ତା'ର ବିଶେଷତା ବିଷୟରେ ଜାଣିବ । ଗୁଡିରେ ପେଟି ବାନ୍ଧିବ । ତା'ପରେ ଜଣେ ଅଭିଜ୍ଞ ଗୋଲର ପାଖରେ ଆସିଷ୍ଟାଣ୍ଟ ଭାବେ ଟ୍ରେନିଂ ନେବାକୁ ହେବ । ଯେତେବେଳେ ମାଷ୍ଟର ଦେଖିବ ମୈଦାନ ସଫା ଅଛି । ଆଖ ପାଖରେ କେହି ଶତ୍ରୁ ନାହାନ୍ତି ସେତିକିବେଳେ ସେ ଏହି ଅଣ୍ଡର ଟ୍ରେନିଂରେ ଥିବା ଛୁଆଙ୍କୁ ଲଟେଇ ଧରେଇ କେମିତି କାନି ମାରିବ, କେମିତି ଭଉଁରି କାଟିବ ଇତ୍ୟାଦି ସବୁ କଳା କୌଶଳ ଶିଖାଏ । ଗୁଡି ଉଡାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ ହେଲା ପେଚ ଲାଗିବା । ସୂତାର ମାଞ୍ଜା ଯେତେ ତୀକ୍ଷ୍ଣ ହୋଇଥାଉ ନା କାହିଁକି ଯଦି ଉଡାଳି କୁଶଳୀ ନ ହୋଇଥିବ ତେବେ ସବୁ ବେକାର । ପେଚ ଲାଗିଲା ବେଳେ ସୂତା ସହ ସୂତାର ଘର୍ଷଣ ଦ୍ୱାରା ହେଉଥିବା ସୂକ୍ଷ୍ମ କମ୍ପନରୁ ଜାଣିପାରନ୍ତି ସତରେ ପେଚ ଲାଗିଛି କି ନାହିଁ । ପେଚ ଲାଗିଲା ବେଳେ ସୂତାକୁ କେତିକି ସୁର୍କି ଦେବ କେତିକି ଗୁଡ଼େଇବ ଭଳି କଳାରେ ମହାରଥ ହାସିଲ କଲା ପରେ ଯାଇ ଜଣଙ୍କୁ ଗୁଡି ଗୋଲର ଉପାଧି ମିଳେ । ଏମାନେ ଉଜ୍ଜ୍ୱଳ ଖରାରେ ବି ଯୋଜନ ଦୂରରେ ଉଡୁଥିବା ଗୁଡିର ସୂତାକୁ ଦେଖି ଜାଣି ପାରନ୍ତି ଏ ଗୁଡିର ସୂତା କାହା ଛାତ ଯାଏ ଲମ୍ବିଛି ।

କାଲି ମାଞ୍ଜା କାମଟା ଦିନ ବେଳା ଭଲରେ ଭଲରେ ସରିଯାଇଥିଲା । ସନ୍ଧ୍ୟାରେ ପୁଅକୁ ଡାଇରେକ୍ଟ ପେଟି ବାନ୍ଧିବା ଶିଖେଇଲି । କିଛି ସମୟ ପରେ କହିଲା, ବାବା ଥାଉ ତୁମେ ପେଟି ବାନ୍ଧି ଦିଅ ମୁଁ ଗୁଡି ଉଡେଇବି । ଏ ପେଟି ବାନ୍ଧିବାଟା ବୋରିଂ କାମ । ଆରେ ବିଛା ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରେଇବୁ ? ଆଗ ପେଟି ବାନ୍ଧେ ତା'ପରେ ଝାଡ଼ିଦେବୁ ତା' ପରେ ଯାଇଁ ନଟେଇ ଧରିବୁ । ଦୂରରୁ ତା' ପ୍ରିୟ ମାମା ଚିହିଁକି ଆସି କହିଲେ, କାହିଁ ତମେ କ'ଣ ସବୁ ବେଳେ ବ୍ୟାଟିଂ କରୁଥିବ ଆଉ ମୋ ପୁଅ ଖାଲି ବଲ ଗୋଟଉଥିବ ? ଏଥର ତୁମେ ବଲ ପକାଅ ମୋ ପୁଅ ବ୍ୟାଟିଂ କରିବ । ମନେ ମନେ ଭାବିଲି ବାହାରେ ଏତେ ଲୋକ ମୋ କଥା ଶୁଣୁଛନ୍ତି ଅଥଚ ଘରେ ମୋ କଥାର କିଛି ବି ମୂଲ୍ୟ ନାହିଁ । ଏଠି ମା' ଯେସନକୁ ପୁଅ ତେସନ । ଠିକ୍ ଅଛି ତୁମ ପୁଅ ନଟେଇ ଧରୁ ଆଉ ତୁମେ ଗୁଡି ଝାଡ଼ି ଦିଅ ମୁଁ ଚାଲିଲି । ସନ୍ଧ୍ୟା ଗଡିଲାଣି ମା' ପୁଅଙ୍କ ଗୁଡି ଉଡା ଚାଲିଛି । ଅଧା ଗୁଡି ଚିରିଗଲା ପଛେ ଗୋଟେ ବି ଦଶ ଫୁଟ ଉପରକୁ ଟପିଲା ନାହିଁ । କିଛି ସମୟ ପରେ ମା' ପୁଅ ଛାତ ଉପରୁ ତଳକୁ ଆସିଲେ । ପଚାରିଲି , କ'ଣ ଗୁଡିଉଡ଼ା ସରିଲା ? ମୋ କଥା ଶୁଣି ଧର୍ମପତ୍ନୀ କହିଲେ, ଆଉ ଗୋଟାଏ ଦିନରେ ମୋ ପୁଅ ଗୁଡି ଉଡା ପୂରା ଶିଖିଯିବ । ମୁଁ କହିଲି ହଁ ଆଜିର ଟ୍ରେନିଂରେ ତ ଅଧା ଗୁଡି ଚିରିଛ କାଲିର ଟ୍ରେନିଂରେ ବାକି ତକ ବି ଚିରି ଦିଅ । ତା' ପରେ ମକର ଦିନ ଖାଲି ନଟେଇ ଧରି ଛାତରେ ବୁଲିବ ।

ହଁ ତୁମେ ଯେଉଁ ଦାମିକା ଗୁଡି ଆଣିଥିଲ ନା ଧରୁ ଧରୁ ଚିରିଯାଉଛି । କେମିତିକା ବାପ କେଜାଣି ଗୋଟାଏ ବୋଲି ପୁଅ ତା' ପାଇଁ ଦି'ଟଙ୍କା ଅଧିକା ଖର୍ଚ୍ଚ କରିବାକୁ ହାତ କେମିତି ଅଟକି ଯାଏ କେଜାଣି ! କୋଉଠୁ ଶସ୍ତାରେ ପାଇଥିବ ବୋଧେ ପୁଳାଏ ନେଇଆସିଛ । ଧର୍ମପତ୍ନୀ ଖିଙ୍କାରି ହେଇ କହିଲେ ।

ମୁଁ ବିରକ୍ତ ହୋଇ କହିଲି, ତୁମେ ମା' ପୁଅ ଏଠି ଗୁଡି ଉଡାଅ ମୁଁ ପୁରୀ ଚାଲିଲି । ସେଠି ମକର ଚାଉଳକୁ ଭାଙ୍ଗ ପଣା ମୋତେ ଅନେଇଛି... । ମୋ କଥା ସରିଛି କି ନାହିଁ ଶ୍ରୀମତୀ କହିଲେ, ମକର ଦିନ ତ ଛୁଟି, ମୁଁ କ'ଣ ଘର ଭିତରେ ଏକୁଟିଆ ଖଟୁଥିବି ? ଚାଲ ଆମକୁ ତମ ସାଙ୍ଗରେ ନିଅ । ଏ ଧନ ତୋ ନଟେଇଟା ବି ବ୍ୟାଗରେ ପୂରା । ସେଠି ସମୁଦ୍ର ବାଲିରେ ବେଶି ପବନ ଯେ ଗୁଡି ଭଲ ଉଡିବ । ମୁଁ ଯାଏ ପିଲାଙ୍କ ଶାର୍ଟ ପ୍ୟାଣ୍ଟ ଆଉ ମୋ ଲୁଗାପଟା ସବୁ ବ୍ୟାଗ୍‌ରେ ରଖେ, ନ ହେଲେ ନିଉଛଣା ମନ ସବୁ ଗୋଳ ମାଳ କରିଦେବ । ଡ୍ରେସ୍ ପଟା ନେଇଥିବି ଦାନ୍ତ ଘଷା ବ୍ରଶ ନବାକୁ ଭୁଲିଯିବି । ସମୟ କ'ଣ ନ କରେ ? ପିଲାଟି ଦିନରୁ ଖୋଲାମେଲାରେ ଗୁଡି ହୋଇ ଉଡୁଥିବା 'ମୁଁ' ଟି ଆଜି ଧର୍ମପତ୍ନୀଙ୍କ ନଟେଇର ସୂତାରେ । ଗୁଡି ବି ଠିକ୍ ଦାମ୍ପତ୍ୟ ଭଳି । ଗୁଡି ଆକାଶରେ ଉଡୁଥିଲେ ବି ଏକ ସରୁ ସୂତା ଦ୍ୱାରା ତାକୁ ଭୂମିରେ ଥିବା ଲୋକ ନିୟନ୍ତ୍ରଣ କରୁଥାଏ । ଯଦି ସୂତା ଛିଣ୍ଡିଲା ତେବେ ଗୁଡି ନିଜ ନିୟନ୍ତ୍ରଣ ହରେଇ କେଉଁ ନର୍ଦ୍ଦମାରେ ପଡିବ ନ ହେଲେ କେଉଁ ଗଛ ଅଗରେ ଚିରିବାଯାଏ ଲଟକି ଥିବ ।

*-ବନମାଳୀ ଭବନ, ଖାନ୍‌ନଗର, କଟକ ମୋ:୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଜଣା ଅଜଣା ବିଜ୍ଞାନ

**ଲେଖକ: ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା**

**ପ୍ରକାଶକ: ସର୍ଜନା, ପାଣିଗ୍ରାହୀ ସାହି, ଗୋସେଇଁ ନୂଆଗାଁ, ବ୍ରହ୍ମପୁର-୩ ମୂଲ୍ୟ-୧୦୦ଟଙ୍କା**





ଓଡ଼ିଶା କେବଳ ଦେଶ ଭିତରେ ନୁହେଁ, ବରଂ ବିଶ୍ୱ ବିଜ୍ଞାନ ରାଇଜରେ ଦକ୍ଷ ଓଡ଼ିଆଙ୍କ ବିଜ୍ଞାନଭିତ୍ତିକ ଶିକ୍ଷା ଓ ଗବେଷଣା ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ସେ ମୌଳିକ ବିଜ୍ଞାନ ହେଉ କିମ୍ବା ପ୍ରୟୋଗାତ୍ମକ, ବୈଷୟିକ ଦିଗ ହେଉ ବର୍ତ୍ତମାନ ଓଡ଼ିଶାର ପିଲାମାନେ ସବୁ କ୍ଷେତ୍ରରେ ସକ୍ରିୟ ହୋଇ ଉଠିଛନ୍ତି । ଆଚାର୍ଯ୍ୟ ବିଦୋନ ଚନ୍ଦ୍ର ଜେନାଙ୍କ ଦ୍ୱାରା ପ୍ରସ୍ତୁତ 'ଜଣା ଅଜଣା ବିଜ୍ଞାନ' ବହିଟି କେବଳ ବିଜ୍ଞାନ ଉପଯୋଗୀ ହିଁ ନୁହେଁ, ବରଂ ସମୟପୋଯୋଗୀ ବୋଲି ପ୍ରମାଣିତ ହୋଇପାରିବ । ଲେଖକଙ୍କ ଦୀର୍ଘଦିନର ବିଜ୍ଞାନ ବୈଷୟିକ ଶିକ୍ଷା ପ୍ରଦାନର ଅନୁଭୂତି ସହ ବିଭିନ୍ନ ବିଜ୍ଞାନଭିତ୍ତିକ ପ୍ରଶିକ୍ଷଣ, କର୍ମଶାଳା, ସେମିନାର ଆଦିର ଅଭିଜ୍ଞତା ଏ ପୁସ୍ତକକୁ ବେଶ୍ ଶିକ୍ଷଣୀୟ କରିପାରିଛି ।

### ପଶ୍ଚିମ ଓଡ଼ିଶାର ଅନନ୍ୟ ଯାତ୍ରା: ଧନୁଯାତ୍ରା

**ଲେଖକ: ଡକ୍ଟର ରବିନାରାୟଣ ସାହୁ**

**ପ୍ରକାଶିକା : ଜୀବନଜ୍ୟୋସ୍ନା ସାମନ୍ତରାୟ, ଆହାନା, ରାଜାବଗିଚା,କଟକ-୯, ମୂଲ୍ୟ-୧୪୦ ଟଙ୍କା**

ପଶ୍ଚିମ ଓଡ଼ିଶାର ପୂଣ୍ୟ ମାଟି ବରଗଡ । ବରଗଡର ତତ୍କାଳୀନ ସଂସ୍କୃତିପ୍ରେମୀ କୃଷ୍ଣଭକ୍ତମାନେ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ଆଗ୍ରହ ଓ ନିଷ୍ଠା ସହକାରେ ଆରମ୍ଭ କଲେ ଧନୁଯାତ୍ରା । ଯାହା ଆଜି ସାରା ଭାରତରେ ଖୁବ୍ ଲୋକପ୍ରିୟ । ଏହି ଯାତ୍ରା କେଉଁ ଦିବ୍ୟ ମୁହୂର୍ତ୍ତରେ ଆରମ୍ଭ ହୋଇଥିଲା କେଜାଣି ଆଜି ଯେତେ ପୁରୁଣା ହେଉଛି ସେତିକି ପ୍ରତିଭାତ ହେଉଛି ନୂଆ ରୂପରେ ଓ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହେଉଛି । କେଉଁ ଦୂର ଦୂରାନ୍ତରୁ ଲୋକ ଖାସ୍ ଏହି ସମୟରେ ଆସନ୍ତି ଧନୁଯାତ୍ରାରେ ସାମିଲ ହେବା ପାଇଁ । ପୁସ୍ତକଟିରେ ବରଗଡ ଧନୁଯାତ୍ରାର ପ୍ରମୁଖ ଦିଗ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଧନୁଯାତ୍ରାର ପ୍ରମୁଖ ଚରିତ୍ର ସେମାନଙ୍କ ବଂଶାବଳୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ଅଭିନେତାଙ୍କ ନାମ ତାଲିକା ଓ ଧନୁଯାତ୍ରାର ପ୍ରମୁଖ ଉଦ୍ୟୋକ୍ତାଗଣଙ୍କ ନାମ ତାଲିକା ଜିଜ୍ଞାସୁ ପାଠିକାପାଠକଙ୍କ ନିମନ୍ତେ ଆବଶ୍ୟକ ତଥ୍ୟ ପ୍ରଦାନରେ ନିଶ୍ଚୟ ସହାୟକ ହେବ ।



# ଟୁଥ୍‌ପିକ୍‌ରେ ଆଇଫିଲ୍ ଟାୱାର୍



**ଖା**ଇ ସାରିବା ପରେ ଆବଶ୍ୟକ ପଡ଼େ ଟୁଥ୍‌ପିକ୍। ଏହି ସରୁ କାଠିଟି ଦାନ୍ତରେ ଲାଗିଥିବା ଖାଦ୍ୟକୁ ବାହାର କରିବାରେ ସାହାଯ୍ୟ କରେ। ଆଉ କାମ ସରିବା ପରେ ଏହାକୁ ଫୋପାଡ଼ି ଦିଆଯାଏ। ହେଲେ ଆମେରିକା, ଇଲିନଏସ୍‌ର ଏରିକ କ୍ଲେବଲ୍ ଏହି ଟୁଥପିକ୍‌କୁ ନେଇ ଏକ ନିଆରା ରେକର୍ଡ କରିଛନ୍ତି। ସେ ଅନେକ ଟୁଥ୍‌ପିକ୍‌କୁ ଯୋଡ଼ି ତିଆରି କରିଛନ୍ତି ଏକ ବଡ଼ ଆଇଫିଲ ଟାୱାର, ଯାହାର ଉଚ୍ଚତା ୧୭.୩୨ ଫୁଟ୍। ଏହାକୁ ପୃଥିବୀର ସବୁଠାରୁ ଉଚ୍ଚା ଟୁଥ୍‌ପିକ୍‌ରେ ତିଆରି ଟାୱାରର ମାନ୍ୟତା ମିଳିଛି। ଏରିକ କୁହନ୍ତି, ‘ଛୋଟବେଳୁ ହିଁ ଅଦରକାରୀ ଜିନିଷରେ ବିଭିନ୍ନ ନୂଆ ଓ ଅଜବ ଜିନିଷ ତିଆରି କରିବାର ସଉକ ଥିଲା। ଖାସ୍ କରି କାଠରେ ବିଭିନ୍ନ ପ୍ରକାରର ଜିନିଷ ତିଆରି କରୁଥିଲି। ୨୦୨୧ରେ ଯେବେ ମତେ ମାତ୍ର ୧୨ ବର୍ଷ ବୟସ ହୋଇଥିଲା ସେତେବେଳେ ମୁଁ ପପ୍ସିକଲ୍ ଷ୍ଟିକ୍‌ରେ ୨୦ ଫୁଟ୍ ଉଚ୍ଚା ଟାୱାର ତିଆରି କରିଥିଲି। ଆଉ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲି। ଏବେ ଟୁଥ୍‌ପିକ୍‌ରେ ଆଇଫିଲ୍ ଟାୱାର ତିଆରି କରି ନିଜର ରେକର୍ଡ ଭାଙ୍ଗି ନୂଆ ଏକ ରେକର୍ଡ କଲି। ତେବେ ଟୁଥପିକ୍‌ରେ ଆଇଫିଲ୍ ଟାୱାର କରିବା ଆଦୌ ସହଜ ନ ଥିଲା। ଏହା ଏତେ ଛୋଟ ଯେ, ତାକୁ ଯୋଡିବା, ସନ୍ତୁଳନ ବଜାୟ ରଖିବା ଓ ମଜଭୁତ କରି ଗଢିବା ମୋ ପାଇଁ ଚ୍ୟାଲେଞ୍ଜ ଥିଲା। ତଥାପି କେବଳ ଟୁଥପିକ୍ ଓ ଅଠା ସାହାଯ୍ୟରେ ମୁଁ ଏତେ ଉଚ୍ଚା ଓ ମଜଭୁତ ଆଇଫିଲ୍ ଟାୱାର କରିପାରିଲି ଓ ଗିନିଜ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଲି।’

ବ୍ୟାକ୍ ପେଜ୍

# ବିମାନ ହୋଟେଲ

**ଛୁ**ଟିରେ ଯେବେ ବାହାରକୁ ଯାଆନ୍ତି ହୋଟେଲ ରହଣି ହୁଏ। ଯଦି ହୋଟେଲ ଭଲ ହୋଇଥାଏ ଛୁଟିର ମଜା ଆସିଯାଏ। ତେଣୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଥିମ୍‌ରେ ହୋଟେଲ ବି ତିଆରି କରାଯାଉଛି। ସେମିତି ଏକ ନିଆରା ଓ ଅଜବ ହୋଟେଲ ଅଛି ସ୍ୱୀଡେନର ରାଜଧାନୀ ଷ୍ଟକହୋମ୍‌ର ଅରଲାଣ୍ଡା ଏୟାରପୋର୍ଟରେ। ଏଠି ରନୱେ ପାଖରେ ଥିବା ଏକ ପୁରୁଣା ବୋଇଂ ୭୪୭-୨୦୦ ଜେଟ୍ ଲାଇନର୍ ଠିଆ ହୋଇଥିବା ଦେଖିବାକୁ ମିଳେ। ଏହି ବିମାନ ତ ଏବେ ଆଉ ଉଡୁ ନାହିଁ। ହେଲେ ସାରା ପୃଥିବୀର ଅନେକ ପର୍ଯ୍ୟଟକଙ୍କ ରହଣି ସ୍ଥାନ ପାଲଟିଛି।










୨୦୦୮ରେ ଶେଷ ଉଡ଼ାଣ ଭରିବା ପରେ ଏହାକୁ ସ୍କ୍ରାପ୍ ପାଇଁ ଦିଆ ଯାଇ ନ ଥିଲା। ବରଂ ତାକୁ ଏକ ଜମ୍ବୋ ହଷ୍ଟେଲରେ ପରିଣତ କରି ଦିଆଗଲା। ଏବେ ଏହା ପୃଥିବୀର ଏକ ବହୁ ଚର୍ଚ୍ଚିତ ଓ ଅଜବ ହୋଟେଲ। ଏହାକୁ ହୋଟେଲରେ ରୂପାନ୍ତର କରିବା ଲାଗି କଂକ୍ରିଟ୍‌ର ମୂଳଦୁଆ କରାଗଲା। ଲାଣ୍ଡିଂ ଗିୟରକୁ ଷ୍ଟିଲର କ୍ରେଡଲରେ ସୁରକ୍ଷିତ କରାଯାଇଛି। ଯେମିତିକି ଏହା ସ୍ଥିର ରହିବ। ଉକ୍ତ ହୋଟେଲ ପର୍ଯ୍ୟନ୍ତ ପହଞ୍ଚିବା ଲାଗି ମୁଖ୍ୟ ଟର୍ମିନାଲରୁ ୧୫ ମିନିଟ ଚାଲିବାକୁ ହେବ। ଅବା ବସ୍ ସେବା ବି ନେଇପାରିବେ। ଏହି ହୋଟେଲର ମୁଖ୍ୟ ଆକର୍ଷଣ ହେଉଛି ଏହାର କକ୍‌ପିଟ୍ ସୁଇଟ୍। ବିମାନର ଏହି ଭାଗ ଯେଉଁଠି ଦିନେ ପାଇଲଟ୍ ବସି ବିମାନ ଉଡ଼ାଉଥିଲେ, ଏବେ ଏହା ଏକ ସୁନ୍ଦର ସୁଇଟ୍‌ରେ ପରିଣତ କରିଦିଆଯାଇଛି। ସେଠି ଏବେ ପର୍ଯ୍ୟଟକ ଶୋଇ ଏୟାରପୋର୍ଟ ରନୱେର ପାନାରୋମିକ୍ ଭ୍ୟୁ ପାଇପାରିବେ। ଏହା ମଧ୍ୟରେ ଜଳବାୟୁ ନିୟନ୍ତ୍ରଣ ଓ ଇନ୍ସୁଲେଶନ୍ ଉପରେ ବହୁତ ଧ୍ୟାନ ଦିଆଯାଇଛି। ଯେମିତିକି ଯାତ୍ରୀଙ୍କୁ ଅଧିକ ଗରମ କି ଥଣ୍ଡା ଅନୁଭୂତ ହେବ ନାହିଁ। ବିମାନର ଅନେକ ମେକାନିକାଲ ପାର୍ଟ ଯେମିତି ପୂର୍ବରୁ ଥିଲା ସେମିତି ରଖାଯାଇଛି। ଏଠାରେ ବଜେଟ ଅନୁସାରେ ଡରମେଟ୍ରିରୁ ଆରମ୍ଭ କରି ତିନିଟି ଖଟଥିବା କମ୍ବୋ ରୁମ୍ ଉପଲବ୍ଧ ଅଛି। କକ୍‌ପିଟ୍ ସୁଇଟ ଓ ସିଙ୍ଗଲ ରୁମ୍‌କୁ ଛାଡିଦେଲେ ବାକି କୋଠରିର ଅତିଥିଙ୍କ ପାଇଁ କରିଡରରେ ଶାୱାର ଓ ଟଏଲେଟ୍ ବ୍ୟବସ୍ଥା ଅଛି। ସବୁ ରୁମ୍‌ରେ ଫ୍ଲାଟ୍ ସ୍କ୍ରିନ ଟେଲିଭିଜନ ଅଛି। ବିମାନର ଅପର୍ ଡେକ୍‌ରେ,ଯେଉଁଠି ଆଗରୁ ଫାର୍ଷ୍ଟ କ୍ଲାସ୍ କ୍ୟାବିନ ଥିଲା ତାହା ଏବେ ଏକ ଷ୍ଟାଇଲିଶ କାଫେରେ ପରିଣତ ହୋଇଯାଇଛି।



# ସୁଇମିଂ ପୁଲ୍ ଭିତରେ ସହର

**ପୃ**ଥିବୀ ଏକ ବିସ୍ମୟର ଗନ୍ତାଘର। ତନ୍ମଧ୍ୟରୁ କିଛି ପ୍ରାକୃତିକ ତ କିଛି ମନୁଷ୍ୟକୃତ। ସେମିତି ଏକ ମନୁଷ୍ୟକୃତ ବିସ୍ମୟ ହେଉଛି ପୃଥିବୀର ସବୁଠାରୁ ଗଭୀର ସୁଇମିଂ ପୁଲ୍। ଦୁବାଇରେ ଥିବା ଏହି ସୁଇମିଂ ପୁଲ୍‌ର ନାଁ ହେଉଛି ‘ଡିପ୍ ଡାଇଭ୍ ଦୁବାଇ’। ୨୦୨୧ରେ ଯେବେ ଏହାକୁ ସାରା ଦୁନିଆ ସାମ୍ନାକୁ ଅଣାଗଲା, ତାହା ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ୧୯୭ ଫୁଟ୍ ଗଭୀର ଏହି ସୁଇମିଂ ପୁଲ୍‌ର ନିର୍ମାଣ ସାଧାରଣ ପୁଲ୍ ଭଳି ନୁହେଁ। ଏହାର ଆକାର ଏକ ଓଏଷ୍ଟର ବା ସିପ ଭଳି। ପୁଲ ଭିତରକୁ ଗଲେ ଏକ ସହର ଦେଖିବାକୁ ମିଳେ, ଯାହା ଭିତରେ ଡାଇଭିଂ କଲେ ଅନ୍ୟ ଗ୍ରହକୁ ଯିବା ପରି ଅବା ଏକ ହଜି ଯାଇଥିବା ସଭ୍ୟତାକୁ ଖୋଜିବା ଭଳି ଅନୁଭବ ହେବ। ପୁଲ୍ ଭିତରେ କାର୍, ଆପାର୍ଟମେଣ୍ଟ, ଲାଇବ୍ରେରୀ ଦେଖିବାକୁ ମିଳିବ। ଏହା ଭିତରେ ଡିଜାଇନ୍ କରାଯାଇଥିବା ସାଉଣ୍ଡ ଓ ଲାଇଟ୍ ଇଫେକ୍ଟ ଏହି ଅନୁଭବକୁ ଅଧିକ ଯାଦୁକରୀ କରିଥାଏ।

ଏଠାକୁ ଆସୁଥିବା ପର୍ଯ୍ୟଟକ ଦୁଇ ପ୍ରକାରର ରୋମାଞ୍ଚ ଅନୁଭବ କରନ୍ତି। ପ୍ରଥମତଃ ଅକ୍ସିଜେନ ଟ୍ୟାଙ୍କ ସହ ଡାଇଭିଂ କରି, ଦ୍ୱିତୀୟରେ ବିନା ଅକ୍ସିଜେନ୍‌ରେ ଡାଇଭିଂ କରି। ତେବେ ସୁରକ୍ଷାକୁ ପ୍ରାଥମିକତା ଦେଇ ପୁଲ୍ ଭିତରେ ଦୁଇ ସ୍ଥାନରେ ଏୟାର ଫିଲ୍ଡ ଡ୍ରାଇ ରୁମ୍ ଅଛି। ଯେଉଁଠି ଡାଇଭିଂ କରୁଥିବା ଲୋକେ କିଛି ସମୟ ରହି ବିଶ୍ରାମ ନେଇପାରିବେ ଓ ପାଣି ଭିତରେ ଶୁଖିଲା ସ୍ଥାନର ଅନୁଭବ କରିବେ। ଏହି ପୁଲ୍‌ରେ ସବୁଠୁ ବଡ଼ ଅଣ୍ଡର ୱାଟର ଫିଲ୍ମ ଷ୍ଟୁଡିଓ ବି ଅଛି। ନାସାର ଫିଲ୍ଟର ଟେକ୍ନୋଲୋଜିରେ ଏହି ପୁଲ୍‌ର ପାଣିକୁ ପ୍ରତି ୬ ଘଣ୍ଟାରେ ସଫା କରାଯାଏ। ପୁଲ୍ ବାହାରେ ଦର୍ଶକଙ୍କ ପାଇଁ କାଚର ବଡ଼ କାନ୍ଥ କରାଯାଇଛି। ଯେଉଁଠୁ ନିଜ ବନ୍ଧୁ ଅବା ପରିବାର ଲୋକଙ୍କୁ ୬୦ ମିଟର ଗଭିର ଜଳ ଭିତରେ ଡାଇଭିଂ କରୁଥିବା ଦେଖିପାରିବେ।